**ମାଟ୍ରିକ୍ ପରୀକ୍ଷା ଫଳାଫଳ**

# ମୟୂରଭଞ୍ଜ ଜିଲ୍ଲାର ଶ୍ରେଷ୍ଠ ୧୦ରେ ୧୨ ଜଣ




ବାରିପଦା, ୩।୫ (ସମିସ):

ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା-୨୦୨୬ରେ ମୟୂରଭଞ୍ଜ ଜିଲ୍ଲାରେ ରେଗୁଲାର ପରୀକ୍ଷାର୍ଥିଙ୍କ ପାସ ହାର ୯୭.୫୨ ପ୍ରତିଶତ ହୋଇଥିବାବେଳେ ୧୪୬ ଜଣ ଏ-୧ ଗ୍ରେଡ୍ ଅର୍ଥାତ୍ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିବାର ଗୌରବ ଅର୍ଜନ କରିଛନ୍ତି। ସେଥିମଧ୍ୟରୁ ବାରିପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପାର୍ଥସାରଥି ମହାନ୍ତ ୫୮୮ ନମ୍ବର ରଖି ଜିଲ୍ଲା ତଥା ରାଜ୍ୟ ଟପ୍ପର ହୋଇଥିବାବେଳେ ବାରିପଦା ବିଦ୍ୟାବିହାର ହାଇସ୍କୁଲର ସତ୍ୟରଞ୍ଜନ ସାହୁ ୫୮୦ ନମ୍ବର ଓ ଟିକରପଡା ହାଇସ୍କୁଲର ସାଇଜିତ ମହାନ୍ତି ୫୭୬ ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଏହାପରେ ୫୭୫ ନମ୍ବର ରଖି ଚତୁର୍ଥ ସ୍ଥାନରେ ବାରିପଦା ବିଦ୍ୟାବିହାର ହାଇସ୍କୁଲର ସତ୍ୟଜିତ ବେହେରା, ୫୭୨ ନମ୍ବର ରଖି ପଞ୍ଚମ ସ୍ଥାନରେ ଉଦଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜ୍ୟୋତିରଞ୍ଜନ ବେହେରା; ୫୭୦ ନମ୍ବର ରଖି ଷଷ୍ଠ ସ୍ଥାନରେ ୩ ଜଣଙ୍କ ମଧ୍ୟରେ ଶଙ୍ଖାଭଙ୍ଗା ହାଇସ୍କୁଲର ବିକାଶ ବେହେରା, ବାରିପଦା ବିଦ୍ୟାବିହାର ହାଇସ୍କୁଲର ଓମପ୍ରକାଶ ନାୟକ ଓ ଟିକରପଡା ହାଇସ୍କୁଲର ଗିରିଜା ଶଙ୍କର ଧଳ; ୫୬୯ ନମ୍ବର ରଖି ସପ୍ତମ ସ୍ଥାନରେ ଟିକରପଡା ହାଇସ୍କୁଲର ହିତାଂଶୁ ସାହୁ, ୫୬୮ ନମ୍ବର ରଖି ଅଷ୍ଟମ ସ୍ଥାନରେ ବାରିପଦା ବିଦ୍ୟାବିହାର ହାଇସ୍କୁଲର ରାଜକୁମାର ପୁଟୀ, ୫୬୭ ନମ୍ବର ରଖି ନବମ ସ୍ଥାନରେ ବାରିପଦା ମହାରାଣୀ ପ୍ରେମ କୁମାରୀ ସରକାରୀ ବାଳିକା ହାଇସ୍କୁଲର ହେମାଙ୍ଗିନୀ ପଣ୍ଡା ଓ ୫୬୬ ନମ୍ବର ରଖି ଦଶମ ସ୍ଥାନରେ ଖୁଣ୍ଟା ହାଇସ୍କୁଲର ଆଦିତ୍ୟ କୁମାର ଜେନା ରହିଥିବା ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କଠାରୁ ପ୍ରକାଶ। ଚଳିତ ବର୍ଷ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ "ମେଧାବୀ ମୟୂରଭଞ୍ଜ କାର୍ଯ୍ୟକ୍ରମ' ହୋଇଥିଲା। ଫଳରେ ଚଳିତବର୍ଷ ବିଗତ ବର୍ଷ ତୁଳନାରେ ଏ- ଗ୍ରେଡ ବିଦ୍ୟାର୍ଥୀଙ୍କ ସଂଖ୍ୟା ୮୦ରୁ ୧୪୬କୁ ବୃଦ୍ଧି ପାଇଥିବା ମତ ପ୍ରକାଶ ପାଇଛି। ଗତବର୍ଷ ପାସ ହାର ୯୬.୯୯ ପ୍ରତିଶତ ଥିଲାବେଳେ ଏଥର ପାସ ହାର ବୃଦ୍ଧି ପାଇ ୯୭.୫୨ ପ୍ରତିଶତ ହୋଇଥିବାରୁ ହାଇସ୍କୁଲମାନଙ୍କର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରମୁଖଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଧନ୍ୟବାଦ ଦେବା ସହ ଏ-ଗ୍ରେଡରେ ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ମୟୂରଭଞ୍ଜର ୬୨୦ଟି ହାଇସ୍କୁଲ ମଧ୍ୟରୁ ୨୮୪ଟି ହାଇସ୍କୁଲରେ ଶତ ପ୍ରତିଶତ ପାସ ହାର ରହିଛି। ସମଗ୍ର ଓଡ଼ିଶାରେ ୩୩୧୦ଟି ହାଇସ୍କୁଲରେ ଶତ ପ୍ରତିଶତ ପାସ ହାର ହୋଇଥିବାବେଳେ ଗଞ୍ଜାମ ଜିଲ୍ଲାର ୨୯୫, ମୟୂରଭଞ୍ଜ ଜିଲ୍ଲାର ୨୮୪ ଓ ବାଲେଶ୍ୱର ଜିଲ୍ଲାର ୨୩୦ ହାଇସ୍କୁଲର ଶତ ପ୍ରତିଶତ ପାସ ହାର ହୋଇ ଯଥାକ୍ରମେ ରାଜ୍ୟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

## ଦିବ୍ୟପ୍ରଜ୍ଞା ନାଥ ବେତନଟୀ ବ୍ଲକ୍ ଟପ୍ପର



ବେତନଟୀ, ୩।୫(ସମିସ): ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ହୋଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ଏ୧ରେ ୧୪୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବେତନଟୀ ବ୍ଲକ୍‌ର ୪ ଟି ହାଇସ୍କୁଲରୁ ୬ ଜଣ ଏ୧ ଗ୍ରେଡ୍ ପାଇଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ବାଳକା ହାଇସ୍କୁଲ ଛାତ୍ରୀ ଦିବ୍ୟପ୍ରଜ୍ଞା ନାଥ ୫୬୩ ନମ୍ବର ରଖି ବ୍ଲକ୍ ଟପ୍ପର ହୋଇଥିବାବେଳେ ସେହି ବିଦ୍ୟାଳୟରୁ ଆଦ୍ୟାଶା ସାହୁ ୫୫୮ ଓ କ୍ରିଷ୍ଣା ପାଣିଗ୍ରାହୀ ୫୪୪ ନମ୍ବର ରଖି ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ରଘୁନାଥ ହାଇସ୍କୁଲ ରାଇକମାର ରୋଜାଲିନ ମିଶ୍ର ୫୪୦, ଗୋପବନ୍ଧୁ ଶିକ୍ଷା ନିକେତନ ମଛପଦାର ଜୟସ୍ମିତା ପୃଷ୍ଟି ୫୪୦ ଓ ମା' ଚକ୍ରଶୀଳା ହାଇସ୍କୁଲ ଭାଲିଆର ଛାତ୍ରୀ ଜ୍ୟୋତ୍ସ୍ନା ଧଳ ୫୪୦ ନମ୍ବର ରଖି ବ୍ଲକ୍ ପାଇଁ ଗୌରବ ଆଣିଛନ୍ତି। ବେତନଟୀ ଓଷ୍ଟା ସଂଘ ପକ୍ଷରୁ ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଛି।

## ଠାକୁରମୁଣ୍ଡା ବ୍ଲକ୍‌ରେ ୧୨ ଜଣ ଏ-୧




ମହୁଲଡିହା,୩।୫(ସମିସ): ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଏଠାରେ ଆନନ୍ଦ, ଉତ୍ସାହର ମାହୋଲ ଦେଖିବାକୁ ମିଳିଛି। କେବଳ କେନ୍ଦୁଜିଆଣୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ୧୦ ଜଣ ଏ-୧ରେ କୃତକାର୍ଯ୍ୟ ହୋଇଛନ୍ତି। ଏଥିସହିତ ଆବାସିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେନ୍ଦୁଜିଆଣୀ ଶତ ପ୍ରତିଶତ ରେଜଲ୍ଟ କରି ପାଞ୍ଚପିଢ଼ ଉପଖଣ୍ଡରେ ଟପ୍ପର ହୋଇଛି। ୬୭ରୁ ଏ-୧ରେ ୧୦ ସମେତ ଏ-୨ରେ ୩୩, ବି-୧ରେ ୨୩, ବି-୨ରେ ଜଣେ ଅଛନ୍ତି। ସେହିପରି ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟ, ନିଶାପୋଷିରୁ ୬୧ ଜଣ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ମେଘନା ପ୍ରିୟଦର୍ଶିନୀ ମହାନ୍ତ ୫୫୪ ନମ୍ବର ରଖି ଏ-୧ ଓ ମହୁଲଡିହା ସରକାରୀ ଉଚ୍ଚ ବିଦ୍ୟାଳୟରୁ ୬୪ ଜଣ ଶତପ୍ରତିଶତ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଜ୍ୟୋତି ରଞ୍ଜନ ସାହାଣୀ ୫୪୬ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସମସ୍ତଙ୍କୁ ଅନୁଷ୍ଠାନରୁ ବିଶେଷ କୃତଜ୍ଞତା କରାଯାଇଛି। କେନ୍ଦୁଜିଆଣୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ସୌରଭ ନନ୍ଦ ୫୬୧ ନମ୍ବର, ଜ୍ଞାନପ୍ରକାଶ ମହାନ୍ତ ୫୫୮ ନମ୍ବର, ଆକାଶ କୁମାର ସିଙ୍କୁ ୫୪୭ ନମ୍ବର, ଅଙ୍କିତ କୁମାର ସର୍ଦ୍ଦାର ୫୪୦ ନମ୍ବର, ଓମ୍ ସାଇ ସ୍ୱରୂପ ନାୟକ ୫୪୦ ନମ୍ବର, ସତ୍ୟରଞ୍ଜନ ମହାନ୍ତ ୫୪୦ ନମ୍ବର, ରିତିକ୍ ମଣ୍ଡଳ ୫୪୦ ନମ୍ବର, ସୋମନାଥ ମହାନ୍ତ ୫୪୦ ନମ୍ବର, ଶୁଭଙ୍କର ବାରିକ୍ ୫୪୦ ନମ୍ବର ଓ ପ୍ରଣବ କୁମାର ମହାନ୍ତ ୫୪୦ ନମ୍ବର ରଖି ଏ-୧ ଗ୍ରେଡ଼ରେ ପାସ୍ କରିଛନ୍ତି।

## ଗୋପବନ୍ଧୁନଗର ବ୍ଲକ୍‌ରେ ୯୪ ପ୍ରତିଶତ ସଫଳତା

କୁଆମରା,୩।୫(ସମିସକ୍): ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ଗୋପବନ୍ଧୁ ନଗର ବ୍ଲକ୍‌ରେ ପାସ ହାର ୯୪ ପ୍ରତିଶତ ରହିଛି। ତେବେ ଗତବର୍ଷଠାରୁ ଚଳିତବର୍ଷ ପାସ ହାର ୨ ପ୍ରତିଶତ କମିଥିବା ସୂଚନା ରହିଛି। ଚଳିତ ବର୍ଷ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି ମାତ୍ର ଦୁଇଜଣ ଛାତ୍ର। ଖୁଣ୍ଟା ପିଏମଶ୍ରୀ ଉଚ୍ଚବିଦ୍ୟାଳୟର ଆଦିତ୍ୟ କୁମାର ଜେନା ସର୍ବାଧିକ ୫୬୬ ନମ୍ବର ରଖି ବ୍ଲକ୍ ଟପ୍ପର ହୋଇଥିବାବେଳେ କୁଆମରା ଉଚ୍ଚବିଦ୍ୟାଳୟର ଛାତ୍ର ଶୁଭ୍ରାଂଶୁ ମହାନ୍ତି ୫୪୦ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ବେତନଟୀ ବ୍ଲକ୍‌ରେ ୧୮୩୨ ପାସ୍

ବେତନଟୀ,୩।୫(ସମିସ):ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ସାରା ଓଡ଼ିଶାରେ ପାସ୍ ହାର ୯୫.୩୩ ପ୍ରତିଶତ ହୋଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ଏହି ପାସ୍ ହାର ୯୭.୫୨ ପ୍ରତିଶତ ଓ ବେତନଟୀ ବ୍ଲକ୍‌ରେ ୯୭.୯୬ ପ୍ରତିଶତ ହୋଇଥିବା ଜଣାପଡିଛି। ବେତନଟୀ ବ୍ଲକ୍‌ର ୩୬ଟି ହାଇସ୍କୁଲରେ ୧୮୭୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୮୩୨ ଜଣ ପାସ୍ କରିଛନ୍ତି ଓ ଗୋଟିଏ ସଂସ୍କୃତ ଟୋଲରେ ୪୫ ଜଣରୁ ୪୫ ଜଣ ପାସ୍ କରିଥିବା ଜଣାପଡିଛି। ବେତନଟୀ ବ୍ଲକର ୩୬ଟି ହାଇସ୍କୁଲରେ ଏ୧ରେ ୬ ଜଣ, ଏ୨ରେ ୫୫ ଜଣ, ବି୧ରେ ୧୫୭ ଜଣ, ବି୨ରେ ୩୧୬ ଜଣ, ସିରେ ୪୪୮ ଜଣ, ଡିରେ ୫୦୬ ଜଣ, ଇ ଗ୍ରେଡରେ ୩୪୪ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୩୮ ଜଣ ପରୀକ୍ଷାର୍ଥୀ ଅକୃତକାର୍ଯ୍ୟ ହେଉଥିବା ଜଣାପଡ଼ିଛି। ସଂସ୍କୃତ ଟୋଲରେ ବି ୧ରେ ୧୪ ଜଣ ଓ ବି ୨ରେ ୩୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଓଷ୍ଟା ସଂଘ ପକ୍ଷରୁ ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ୍ ସଭାପତି ଶିଶିର କୁମାର ନାୟକ, ସମ୍ପାଦକ ସୂର୍ଯ୍ୟାନନ୍ଦ ନାୟକଙ୍କ ସହ ସମସ୍ତ କର୍ମକର୍ତ୍ତା, ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷକ,ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

## ଜାନକୀଲାଲ ବିଦ୍ୟାଳୟର ପାସ୍ ହାର ୯୨.୪ ପ୍ରତିଶତ

କୁଳିଅଣା, ୩।୫(ସମିସ): କୁଳିଅଣାସ୍ଥିତ ଜାନକୀଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଚମତ୍କାର ସଫଳତା ହାସଲ କରିଛି। ବିଦ୍ୟାଳୟର ୯୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ନାମ ପଞ୍ଜିକୃତ କରିଥିବାବେଳେ ୯୦ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୮୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଯାହାକି ବିଦ୍ୟାଳୟର ସଫଳତା ହାରକୁ ୯୨. ୪ ପ୍ରତିଶତରେ ପହଞ୍ଚାଇଛି। ବିଦ୍ୟାଳୟର ୪ ଜଣ ଛାତ୍ରଛାତ୍ରୀ ଏ୨ ଗ୍ରେଡ୍ ପାଇଛନ୍ତି। ରାହୁଲ ବେହେରା ସର୍ବାଧିକ ୫୨୦ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଥିବାବେଳେ ଅର୍ପିତା ବେହେରା, ବିଜ୍ଞାନ ପଟ୍ଟନାୟକ ଓ ସୋନାଲି ଟୁଡୁ ପ୍ରତ୍ୟେକ ୪୮୦ ନମ୍ବର ରଖିଛନ୍ତି। ବିଦ୍ୟାଳୟର ୬ ଜଣ ଛାତ୍ରଛାତ୍ରୀ ବି ୧ ଗ୍ରେଡ୍ ପାଇଥିବାବେଳେ ୯ ଜଣ ଛାତ୍ରଛାତ୍ରୀ ବି ୨ ଗ୍ରେଡ୍, ସି ଗ୍ରେଡ୍‌ରେ ୨୫ ଜଣ, ଡି ଗ୍ରେଡ୍‌ରେ ୨୯ ଜଣ, ଇ ଗ୍ରେଡ୍‌ରେ ୧୨ ଜଣ ଓ ଏଫ ଗ୍ରେଡ୍‌ରେ ୫ ଜଣ ରହିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରାଚୀ ମିଶ୍ର ବ୍ଲକ୍ ଟପ୍ପର






ରାଇରଙ୍ଗପୁର,୩।୫(ସମିସ): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ରାଇରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅଭୁତପୂର୍ବ ସଫଳତା ହାସଲ କରିଛି। ଚଳିତ ବର୍ଷ ୧୧୭ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ଏ୧ ଗ୍ରେଡ୍‌ରେ ୪ ଜଣ, ଏ୨ରେ ୧୯ ଜଣ, ବି୧ରେ ୨୫ ଜଣ, ବି୨ରେ ୨୯ ଜଣ, ସିରେ ୨୮ ଜଣ, ଡି ଗ୍ରେଡ୍‌ରେ ୧୨ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଛାତ୍ରୀ ପ୍ରାଚୀ ମିଶ୍ର ୫୬୨ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେହିପରି କୃତିକୃଷ୍ଣ ମହାନ୍ତ ୫୪୬, ପ୍ରଜୟାନନ୍ଦ ମିଶ୍ର ୫୪୧, ଜିଜ୍ଞାସା ରାଉତ ୫୪୦ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ପରିଚାଳନା ସମିତି ସଦସ୍ୟ/ସଦସ୍ୟା, ଗୁରୁଜୀ/ଗୁରୁମା ଓ ଅଭିଭାବକ ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରାଚୀସ୍ମିତା କୁଳିଅଣା ବ୍ଲକ ଟପର



କୁଳିଅଣା, ୩।୫(ସମିସ): କୁଳିଅଣା ବ୍ଲକ ଅଧୀନ ପଡିଆରିପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରାଚୀସ୍ମିତା ଦତ୍ତ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୬୦୦ରୁ ୫୪୨ ନମ୍ବର ରଖି ଏ-୧ ଗ୍ରେଡ୍‌ରେ ଉତୀର୍ଣ୍ଣ ହୋଇଛନ୍ତି। ସେ କୁଳିଅଣା ବ୍ଲକରେ ଟପ୍ପର ହୋଇଛନ୍ତି। ସେ ଏହି ସଫଳତାରେ ବାପାମାଆ, ବିଦ୍ୟାଳୟର ପ୍ରଧାନଶିକ୍ଷକ ବଳରାମ ଦତ୍ତ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ସେ ଇଞ୍ଜିନିୟର ହେବେ ବୋଲି ଆଶା ରଖିଛନ୍ତି। ବିଦ୍ୟାଳୟ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ସାଇ ଆଦର୍ଶ ବିଦ୍ୟାମନ୍ଦିରର ଶତପ୍ରତିଶତ ସଫଳତା




ବାରିପଦା, ୩।୫(ସମିସ): ବାରିପଦା ରଘୁନାଥପୁରସ୍ଥ ସାଇ ଆଦର୍ଶ ବିଦ୍ୟାମନ୍ଦିର ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଅଭୁତପୂର୍ବ ସଫଳତା ହାସଲ କରିଛି। ସମୁଦାୟ ୮୧ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୧୩ ଜଣ ଏ-୧ , ୫୪ ଜଣ ଏ-୨ରେ ଓ ୧୪ ଜଣ ବି-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିକାଶ କୁମାର ବେହେରା ସର୍ବାଧିକ ୫୭୦ ନମ୍ବର ରଖିଥିବାବେଳେ ଶୁଭମ ଶ୍ରୀରାଜ ହେମ୍ବ୍ରମ ୫୫୯, ରିତେଶ କୁମାର ମହାପାତ୍ର ୫୫୫, ରାଜେନ୍ଦ୍ର କୁମାର ସାହୁ ୫୫୫, ସଂଯୁକ୍ତା ନାୟକ ୫୪୧, ଶୁଭଙ୍କର ମଣ୍ଡଳ ୫୪୧, ଚିରଞ୍ଜିବୀ ମହାନ୍ତ ୫୪୧, ଶ୍ରିତମ କୁମାର ସାହୁ, ଦୁର୍ଗାଚରଣ ମୁର୍ମୁ, ମଧୁସ୍ମିତା ପରମାଣିକ, ଜ୍ୟୋତିର୍ମୟୀ ବେହେରା, ସର୍ବାଂଗକୋଷ ଖିଲାରୀ ଓ ରାହୁଲ କୁମାର ଦାସ ୫୪୦ ଲେଖାଏଁ ନମ୍ବର ରଖି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ସର୍ବମୋଟ ୪୭ ଜଣ ଛାତ୍ରଛାତ୍ରୀ ୫୦୦ ନମ୍ବରରୁ ଅଧିକ ରଖିଛନ୍ତି। ସମ୍ପାଦିକା ମିନାରାଣୀ ସାହୁ, ମୁଖ୍ୟ ଉପଦେଷ୍ଟା ଡ ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଧାନଶିକ୍ଷକ କମଳଲୋଚନ ସାହୁ, ବରିଷ୍ଠ ପ୍ରଶାସକ ପ୍ରଦୀପ କୁମାର ସାହୁ ସମସ୍ତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏ ଅବସରରେ ବିଦ୍ୟାଳୟର ସମସ୍ତ ଅଭିଭାବକ ଅଭିଭାବିକା ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ଶୁକ୍ଳି ବ୍ଲକ୍‌ରେ ସ୍ୱୟମ ଶାଶ୍ୱତ ଟପ୍ପର



ଶୁକ୍ଳି, ୩।୫(ସମିସ): ସ୍ୱୟମ ଶାଶ୍ୱତ ଗିରି ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ଶୁକ୍ଳି ବ୍ଲକ୍ ଟପର ହୋଇଛନ୍ତି। ସେ ଶୁକ୍ଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ହୋଇଥିବାବେଳେ ୫୫୬ (୯୨.୬ ପ୍ରତିଶତ) ନମ୍ବର ସହ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସ୍କୁଲର ମୋଟ ୩୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସ୍ୱୟମଙ୍କ ବ୍ୟତୀତ ଏ-୨ରେ ୩ ଜଣ, ବି-୧ରେ ୭ ଜଣ, ବି-୨ରେ ୫ ଜଣ, ସିରେ ୧୧ ଜଣ, ଡିରେ ୬ ଜଣ ଓ ଇରେ ୨ଜଣ ଉତ୍ତୀର୍ଣ୍ଣ ହୋଇ ଶତପ୍ରତିଶତ ସଫଳତା ଆଣିଛନ୍ତି। ଛାତ୍ରଛାତ୍ରୀଙ୍କ ପରିଶ୍ରମ, ଶିକ୍ଷକଙ୍କ ନିଷ୍ଠା ଓ ଅଭିଭାବକଙ୍କ ସହଯୋଗ ଯୋଗୁଁ ଏହି ଫଳ ସମ୍ଭବ ହୋଇଛି।


## ପ୍ରିନ୍ସ ପବ୍ଲିକ ସ୍କୁଲର ସମସ୍ତେ ପାସ୍




ବାରିପଦା, ୩।୫(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଉକ୍ତ ପରୀକ୍ଷାରେ ବାରିପଦାସ୍ଥ ପ୍ରିନ୍ସ ପବ୍ଲିକ ସ୍କୁଲ ଶତ ପ୍ରତିଶତ ସଫଳତା ହାସଲ କରିଛି। ଚଳିତ ବର୍ଷ ସ୍କୁଲର ସମୁଦାୟ ୭୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ହିତେଶ ରାଉତ, ସୁନୀତା ବାରିକ ଓ ତନ୍ମୟ ମହାନ୍ତ ସର୍ବାଧିକ ନମ୍ବର ରଖିଛନ୍ତି। ସମୁଦାୟ ୬୦୦ ମାର୍କରୁ ୫୪୦ ନମ୍ବର ରଖିଛନ୍ତି। ସେହିପରି ୧୩ ଜଣ ଛାତ୍ରଛାତ୍ରୀ ୮୦ ପ୍ରତିଶତରୁ ଅଧିକ, ୩୨ ଜଣ ଛାତ୍ରଛାତ୍ରୀ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ଓ ଅନ୍ୟ ସମସ୍ତ ଛାତ୍ରଛାତ୍ରୀ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରିନ୍ସ ପବ୍ଲିକ ସ୍କୁଲର ଉନ୍ନତମାନର ଶିକ୍ଷା ପାଇଁ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷାରେ ସଫଳତା ଅର୍ଜନ କରିଛନ୍ତି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପ୍ରିନ୍ସ ପବ୍ଲିକ ସ୍କୁଲ ମାଟ୍ରିକ ପରୀକ୍ଷାରେ ଯୁଗାନ୍ତକାରୀ ସଫଳତା ହାସଲ କରିଛି। ଦେବେନ୍ଦ୍ରପୁରସ୍ଥ ସ୍କୁଲ ପରିସରରେ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କୃତୀ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପ୍ରଧାନ ଶିକ୍ଷକ ବିଜୟ କୁମାର ଘୋଷ କୃତି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଶିକ୍ଷାନୁଷ୍ଠାନ ପ୍ରତି ବିଶ୍ୱାସ ରଖିଥିବାରୁ ଅଭିଭାବକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉକ୍ତ ସଫଳତା ପାଇଁ ନିର୍ଦ୍ଦେଶକ ଶ୍ରୀ ସ୍ୱାଇଁ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଛନ୍ତି।


## ବଡ଼ସାହି ବ୍ଲକ୍‌ରେ ୪ ଜଣ ଏ-୧ରେ ଉତ୍ତୀର୍ଣ୍ଣ







ବଡ଼ସାହି, ୩।୫(ସମିସ): ୨୦୨୫-୨୦୨୬ ଶିକ୍ଷାବର୍ଷର ମାଟ୍ରିକ ପରୀକ୍ଷା ଫଳାଫଳ ଅନୁସାରେ ବଡ଼ସାହି ବ୍ଲକର ୪ ଜଣ ପରୀକ୍ଷାର୍ଥୀ ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପଞ୍ଚାୟତ ହାଇସ୍କୁଲ, ଶାଳଗାଁର ପ୍ରିୟଙ୍କା ବେହେରା ୫୫୬ ନମ୍ବର ରଖି ଟପ୍ପର ହୋଇଥିବାବେଳେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପାଳର ଆୟୁଷ ପରିଡା ୫୪୭, ବିଏନ ହାଇସ୍କୁଲ, ମାଣଦ୍ରୀର ସଙ୍କେତ ପାତ୍ର ୫୪୪ ଓ ଆରକେ ହାଇସ୍କୁଲ, ସିଂହଟିଆର ସୁଭଦ୍ରା ଦଣ୍ଡପାଟ ୫୪୦ ନମ୍ବର ରଖି ଯଥାକ୍ରମେ ବ୍ଲକରେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି।

## ବାଙ୍ଗିରିପୋଷି ବ୍ଲକ୍ ଟପ୍ପର ସୌମ୍ୟରଞ୍ଜନ


କଳାବାଡିଆ, ୩।୫(ସମିସ): ବାଙ୍ଗିରିପୋଷିସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସୌମ୍ୟରଞ୍ଜନ ଦଳେଇ ୫୫୭ (୯୨.୮୩ ପ୍ରତିଶତ) ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ବାଙ୍ଗିରିପୋଷି ସରକାରୀ ବିଦ୍ୟାଳୟ ଛାତ୍ର ଜଗନ୍ନାଥ ଟୁଡୁ ୫୫୪ ନମ୍ବର ରଖି ଦ୍ୱିତୀୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦେବବ୍ରତ ସେଠୀ ୫୫୧ ନମ୍ବର ରଖି ତୃତୀୟ ହୋଇଛନ୍ତି। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ପଥରଖୋମ ନୀଳମଣି ହାଇସ୍କୁଲରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସମସ୍ତେ କୃତିତ୍ୱ ଅର୍ଜନ କରିଥିବାରୁ ପ୍ରଧାନ ଆଚାର୍ଯ୍ୟା ସମସ୍ତଙ୍କୁ ବଧାଇ ଜଣାଇଛନ୍ତି। ସୌମ୍ୟରଞ୍ଜନ ନିଜ ମା' ମଞ୍ଜୁଲତା ଦଳେଇ, ବାପା ନରେନ୍ଦ୍ର ନାଥ ଦଳେଇ ସହିତ ଗୁରୁଜୀ, ଗୁରୁମା ସହିତ ଗୁରୁଜନଙ୍କୁ ଶ୍ରେୟ ଦେଇଛନ୍ତି।

## ସୃଷ୍ଟି ସମ୍ଭାବନା ସାରସକଣା ବ୍ଲକ ଟପ୍ପର



ସାରସକଣା,୩।୫(ସମିସ): ସାରସକଣା ବ୍ଲକ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ସୁଶ୍ରୀ ସୃଷ୍ଟି ସମ୍ଭାବନା ସାହୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସାରସକଣା ବ୍ଲକ ଟପ୍ପର ହୋଇଛନ୍ତି। ବ୍ଲକ ଅଞ୍ଚଳର ଏକମାତ୍ର ଏ-୧ ଛାତ୍ରୀ ଭାବେ ଏହି କୃତିତ୍ୱର ଅଧିକାରୀ ହୋଇଛନ୍ତି। ସାରସକଣା ବ୍ଲକ୍ ସାରସକଣା ବାସିନ୍ଦା ଅନ୍ତର୍ଯ୍ୟାମୀ ସାହୁ, ବବିତା ସାହୁଙ୍କ ଝିଅ ସୁଶ୍ରୀ ସୃଷ୍ଟି ସମ୍ଭାବନା ସାହୁ ୫୪୨ ନମ୍ବର ରଖିଛନ୍ତି।




ସେହିପରି ଅବସରପ୍ରାପ୍ତ ସେନା ଅଧିକାରୀ ବିଭୀଷଣ ମହାନ୍ତ ଓ ଜ୍ୟୋତିର୍ମୟୀ ମହାନ୍ତଙ୍କ ଝିଅ ମାଟ୍ରିକ ପରୀକ୍ଷାରେ ମୋଟ ୫୪୧ ନମ୍ବର ରଖୁଛନ୍ତି। ଶୀର୍ଷା ପଞ୍ଚାୟତ ପିଏମ୍‌ଶ୍ରୀ ହାଇସ୍କୁଲ ଛାତ୍ରୀ ଅର୍ପିତା ସାହୁ ୫୨୯ (ଏ-୨) ମୋଟ ନମ୍ବର ରଖିଛନ୍ତି।

## ଜ୍ୟୋତିରଞ୍ଜନ ଉଦଳା ବ୍ଲକ୍ ଟପ୍ପର







ଉଦଳା, ୩।୫(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର୍ ରଖି ଉଦଳା ସରସ୍ୱତୀ ଶିଶୁମନ୍ଦିର ଛାତ୍ର ଜ୍ୟୋତିରଞ୍ଜନ ବ୍ଲକ୍ ଟପ୍ପର ହୋଇଛନ୍ତି। ସେ ୬୦୦ରୁ ୫୭୨ ନମ୍ବର (୯୫.୩୩ ପ୍ରତିଶତ) ରଖି କପ୍ତିପଦା ଉପଖଣ୍ଡରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଉଦଳା ହାଇସ୍କୁଲର ଛାତ୍ର ମହିତ କୁମାର ପଟ୍ଟନାୟକ ୯୨.୮୩ ପ୍ରତିଶତ ନମ୍ବର ରଖି ଉଦଳା ବ୍ଲକରେ ଦ୍ୱିତୀୟ ସ୍ଥାନ ଲାଭ କରିଛନ୍ତି। ଉଦଳା ସରସ୍ୱତୀ ଶିଶୁମନ୍ଦିର ଛାତ୍ର ଲୋକନାଥ ବେହେରା ୯୦.୬୬ ପ୍ରତିଶତ ନମ୍ବର ରଖି ଉଦଳା ବ୍ଲକରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଦଳା ବାଳିକା ବିଦ୍ୟାଳୟର ଛାତ୍ରୀ ଆଦ୍ୟାଶା ପରିଡ଼ା ୯୦ ପ୍ରତିଶତ ନମ୍ବର, ଉଦଳା ସରସ୍ୱତୀ ଶିଶୁମନ୍ଦିର ଛାତ୍ର ଶାଶ୍ୱତ ପରିଡ଼ା ୯୦ ପ୍ରତିଶତ ନମ୍ବର ରଖି ବ୍ଲକ୍‌ରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରଛାତ୍ରୀ ସଫଳତା ପାଇଁ ତାଙ୍କ ଗୁରୁଜନ, ଶିକ୍ଷକ ଓ ନିଜର କଠିନ ପରିଶ୍ରମକୁ ଶ୍ରେୟ ଦେଇଛନ୍ତି।

# ସାଇ ବିଦ୍ୟାମନ୍ଦିରର ୪୯ ଜଣ ଏ-୧ରେ ଉତ୍ତୀର୍ଣ୍ଣ



ବାରିପଦା, ୩।୫(ସମିସ):

ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳ ପ୍ରକାଶିତ ହୋଇଥିବାବେଳେ ବାରିପଦାର ସାଇ ବିଦ୍ୟାମନ୍ଦିର ଅଭୂତପୂର୍ବ ସଫଳତା ହାସଲ କରି ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଛି। ଫ୧୩୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସତ୍ୟରଞ୍ଜନ ସାହୁ ସର୍ବାଧିକ ୫୮୦ ନମ୍ବର ରଖି ଅନୁଷ୍ଠାନ ପାଇଁ ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସେହିପରି ସାଇଜିତ ମହାନ୍ତି ୫୭୬, ସତ୍ୟଜିତ ବେହେରା ୫୭୫, ଗିରିଜା ଶଙ୍କର ଧଳ ୫୭୦, ଓମପ୍ରକାଶ ନାୟକ ୫୭୦ ଓ ହିତାଂଶୁ ସାହୁ ୫୬୯ ନମ୍ବର ରଖିଛନ୍ତି। ଏମାନଙ୍କ ବ୍ୟତୀତ ୫୪୦ରୁ ୫୬୮ ମଧ୍ୟରେ ୪୩ ଜଣ ଅପୂର୍ବ ସଫଳତା ହାସଲ କରିଛନ୍ତି। ୯୦ ପ୍ରତିଶତରୁ ଅଧିକ ୪୯ ଜଣ, ୮୦ ପ୍ରତିଶତରୁ ଅଧିକ ୫୬ ଜଣ, ୭୦ ପ୍ରତିଶତରୁ ଅଧିକ ୨୧ ଜଣ, ୬୦ ପ୍ରତିଶତରୁ ଅଧିକ ୮ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସମଗ୍ର ଜିଲ୍ଲାରେ ୯୦ ପ୍ରତିଶତରୁ ଅଧିକ ୧୪୬ ଜଣ ଛାତ୍ରଛାତ୍ରୀ ଥିବାବେଳେ କେବଳ ସାଇ ବିଦ୍ୟାମନ୍ଦିରରୁ ୪୯ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ପ୍ରଭଞ୍ଜନ ରାଉତ, ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ, ମହାପ୍ରବନ୍ଧକ ଦେବାଶିଷ ମୁଦୁଲି, ଶିକ୍ଷା ବିଭାଗୀୟ ମୁଖ୍ୟ ବିଶ୍ୱେନ୍ଦୁ ଦାସ, ପ୍ରଧାନ ଶିକ୍ଷକ ରାଜୀବ ଗାନ୍ଧୀ, ସିଇଓ ଚିତ୍ତରଞ୍ଜନ ରାଉତ କୃତୀ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦ୍ୱାରା ଅଭ୍ୟର୍ଥନା ପୂର୍ବକ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ସଫଳତା ପାଇଁ ଅନୁଷ୍ଠାନର ନିର୍ଦ୍ଦେଶକ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଛନ୍ତି। ଏଥିସହିତ ଅନୁଷ୍ଠାନ ପ୍ରତି ଭରସା, ବିଶ୍ୱାସ ଓ ଆସ୍ଥା ପ୍ରକଟ କରି ଆସୁଥିବା ଅଭିଭାବକଙ୍କୁ ହୃଦୟରୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ୨ କିଲୋମିଟର ରାସ୍ତା ପାଲଟିଛି ମରଣଯନ୍ତା

# ନିର୍ମାଣ ଦାବିରେ ଗ୍ରାମବାସୀଙ୍କ ଗର୍ଜନ, ନିର୍ବାଚନ ବର୍ଜନ ଚେତାବନୀ

ବାଲେଶ୍ୱର, ୩।୫ (ସମିସ)

ନିର୍ବାଚନ ପରେ ନିର୍ବାଚନ ବିତିଯାଉଛି, ଶାସନ ବଦଳୁଛି, କିନ୍ତୁ ବଦଳୁନି ଗ୍ରାମାଞ୍ଚଳର ଚିତ୍ର। ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ହିଡ଼ିଗାଁ ପଞ୍ଚାୟତରେ ଦେଖିବାକୁ ମିଳିଛି ପ୍ରଶାସନିକ ଅବହେଳାର ଏକ ଚରମ ନମୁନା। ଝାମ୍ପୁରା ହାଟଠାରୁ ହିଡ଼ିଗାଁ ସ୍କୁଲ ପର୍ଯ୍ୟନ୍ତ ଲମ୍ବିଥିବା ପ୍ରାୟ ୨ କିଲୋମିଟର ରାସ୍ତା ଏବେ ସଂପୂର୍ଣ୍ଣ ଶୋଚନୀୟ ହୋଇପଡ଼ିଛି। ଦୀର୍ଘ ୧୫ ବର୍ଷ ତଳେ ନିର୍ମିତ ଏହି ସଂକୀର୍ଣ୍ଣ ରାସ୍ତାଟି ଆଜି ପର୍ଯ୍ୟନ୍ତ ଥରୁଟିଏ ବି ମରାମତି ହୋଇନଥିବାରୁ ଏହା ଏବେ ଗ୍ରାମବାସୀଙ୍କ ପାଇଁ "ମରଣଯନ୍ତା' ପାଲଟିଛି। କଂକ୍ରିଟ ଫାଟି ଆଁ କରିବା ସହ ୨ ଫୁଟ ଗଭୀରର ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି, ଯାହା ଫଳରେ ଯାତାୟାତ ଏକପ୍ରକାର ଦୁର୍ବିସହ ହୋଇପଡ଼ିଛି। ରାସ୍ତାର ଅବସ୍ଥା ଏତେ ଖରାପ ଯେ, ଜରୁରୀକାଳୀନ ସମୟରେ ଗ୍ରାମକୁ ଆମ୍ବୁଲାନ୍ସ କିମ୍ବା ଅଟୋଟିଏ ଆସିବା ସମ୍ଭବ ହେଉନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସ ନମିଳିବାରୁ ବାଧ ହୋଇ ଲୋକେ ସେମାନଙ୍କୁ ଖଟିଆରେ ବୋହି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଆଣୁଛନ୍ତି। ଛୋଟ ପିଲାମାନେ ସ୍କୁଲ ଯିବା ସମୟରେ ବାରମ୍ବାର ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ରାସ୍ତା ଉପରେ ପ୍ରାୟ ୨ ହଜାରରୁ ଅଧିକ



ଜନସାଧାରଣ ନିର୍ଭର କରୁଥିବା ବେଳେ ପ୍ରଶାସନର ନିରବତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବାରମ୍ବାର ଜିଲ୍ଲା ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ଜଣାଇବା ପରେ ବି କୌଣସି ସୁଫଳ ନମିଳିବାରୁ ଆଜି ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ରାସ୍ତା ମରାମତି ଓ ପ୍ରଶସ୍ତୀକରଣ ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତା ରୋକ କରାଯାଇଛି। ଯଦି ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ନହୁଏ, ତେବେ ସମୂହ ପଞ୍ଚାୟତବାସୀ ଆସନ୍ତା ନିର୍ବାଚନରେ "ଭୋଟ ବର୍ଜନ' କରିବେ ବୋଲି ଚରମ ଚେତାବନୀ ଦେଇଛନ୍ତି। ଏହି ପ୍ରତିବାଦରେ ପୂର୍ବତନ ୱାର୍ଡମେମ୍ବର ଅବନ୍ତୀ ବେରା, ରମାକାନ୍ତ ଗୁଡ଼, ଅର୍ଦ୍ଧେନ୍ଦୁ ଶେଖର ଦାସ, ଚନ୍ଦ୍ରକାନ୍ତ ବେଜଙ୍କ ସମେତ ଗୀତିକା ବେହେରା, ସରସ୍ୱତୀ ମାଝୀ ଓ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇ ପ୍ରଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି।

● ମାଟ୍ରିକ ପରୀକ୍ଷା ଫଳ

## ବସ୍ତା ବ୍ଲକର ୨୬ ଜଣଙ୍କୁ ଏ-୧ ଗ୍ରେଡ୍

ବସ୍ତା ବ୍ଲକ, ୩।୫ (ସମିସ): ଶନିବାର ଅପରାହ୍ନରେ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକର ୨୬ ଜଣ ଛାତ୍ରଛାତ୍ରୀ ଏ - ୧ ଗ୍ରେଡ୍‌ରେ ସଫଳତା ପାଇଛନ୍ତି। ସେଥି ମଧ୍ୟରୁ ୧୩ ଜଣ ଛାତ୍ର ଥିବା ବେଳେ ୧୩ ଜଣ ଛାତ୍ରୀ ଅଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ ସର୍ବାଧିକ ଏ - ୧ ସଫଳତା ପାଇଥିବା ସ୍କୁଲ ମଧ୍ୟରେ ରହିଛି ଗୋଲକ ନାରାୟଣ ବନଦୁର୍ଗା ସରକାରୀ ହାଇସ୍କୁଲ ପ୍ରଥମ ସ୍ଥାନରେ ରହିଛି। ଏହି ସ୍କୁଲ ରେ ୬ ଜଣ ଛାତ୍ର ଛାତ୍ରୀ ଏ -୧ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଭଗବାନ ଚନ୍ଦ୍ର ହାଇ ସ୍କୁଲ କାଇନଗିରିରେ ୪ ଜଣ, ବନବିହାରୀ ଲାଲ ନୋଡାଲ ହାଇ ସ୍କୁଲ ଗୁଡ଼ିଖାଳ ରେ ୩ ଜଣ, ସିଦ୍ଧେଶ୍ୱର ନୋଡାଲ ହାଇସ୍କୁଲ ଅମର୍ଦ୍ଦା ରୋଡ ରେ ୩ ଜଣ ଏ -୧ ରେ ସଫଳତା ପାଇଥିବା ବେଳେ ଆର୍ କେ ହାଇସ୍କୁଲ ବାହାର୍ଦ୍ଦାରେ ୧ ଜଣ, ଶମ୍ଭୁନାଥ ସରକାରୀ ହାଇସ୍କୁଲ ରେ ୧ ଜଣ, ଲକ୍ଷ୍ମୀ ନାରାୟଣ ନୋଡାଲ ହାଇ ସ୍କୁଲ ଦରଡ଼ା ରେ ୧ଜଣ, ହରପ୍ରିୟା ହାଇ ସ୍କୁଲ, ପୁରୁଷୋତ୍ତମ ପୁର ରେ ୨ ଜଣ, ସରକାରୀ ହାଇସ୍କୁଲ ହୀରାପୁର ରେ ୧ ଜଣ, ରାଧାନାଥ ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ, ପାଉଁଶକୁଲି ରେ ୧ ଜଣ , ରାଇ ମଣୀ ନୋଡାଲ କୁଠିଆ ରେ ୧ ଜଣ, ଦୁଣ୍ଡକୁଟ ହାଇ ସ୍କୁଲରେ ୧ ଜଣ ଓ ସିଂଲା ହାଇ ସ୍କୁଲ, ସିଂଲା ରେ ୧ ଜଣ ଏ -୧ ସଫଳତା ଲାଭ କରିଛନ୍ତି।

## ନୀଳଗିରି ପାଇଁ ଗୌରବ ଆଣିଲେ ଆୟୁଷ୍ମାନ



ନୀଳଗିରି, ୩।୫ (ସମିସ): ଚଳିତ ଦଶମବୋର୍ଡ ପରୀକ୍ଷାରେ ନୀଳଗିରି ସରସ୍ୱତୀ ଶିଶୁମନ୍ଦିରର ୪ ଜଣ ବିଦ୍ୟାର୍ଥୀ ଏ୧ ଗ୍ରେଡ ରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ବେଳେ ତନ୍ମଧ୍ୟରୁ ଔପଦା ବ୍ଲକ୍ ବାଉଁଶବଣିଆ ଗ୍ରାମର ମା ସୁଚେତା ରାହୁଲଙ୍କ ସୁପୁତ୍ର ଆୟୁଷ୍ମାନ ଦାସ ମୋଟ ୫୮୨ନଂ ରଖି ଜିଲ୍ଲାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମାଆ ସୁଚେତା ଉକ୍ତ ଶିଶୁମନ୍ଦିରର ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି। ଶନିବାର ସଂଧ୍ୟାରେ ନୀଳଗିରି ସରସ୍ୱତୀ ଶିଶୁ ମନ୍ଦିରର ରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ପହଞ୍ଚି ଆୟୁଷ୍ମାନ ଓ ଅନ୍ୟ ୩ ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆୟୁଷ୍ମାନ ମାଆ ଙ୍କ ପ୍ରେରଣା, ଗୁରୁଜୀ ଗୁରୁମା ମାନଙ୍କର ଆଶୀର୍ବାଦ, ଅଧ୍ୟବସାୟ, ନିଷ୍ଠା ସର୍ବୋପରି ପାଠପ୍ରତି ସମର୍ପିତ ଥିବାରୁ ସେ ଏହି ସଫଳତା ପାଇଥିବା କହିଛନ୍ତି। ବଡ଼ହୋଇ ଆଇଆଇଟି ଇଞ୍ଜିନିୟର ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି।

## ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଆନ୍ଦୋଳନ ପ୍ରସ୍ତୁତି ବୈଠକ

ନୀଳଗିରି, ୩।୫ (ସମିସ): କୁଲଡିହା ଅଭୟାରଣ୍ୟ ର ସୀମା ନିର୍ଦ୍ଧାରଣ ପାଇଁ ଉଚ୍ଚନ୍ୟାୟାଳୟ, ଓଡିଶା ପାଖରେ ଏକ ମକଦ୍ଦମା ୨୦୧୧ ମସିହାରେ ଦାଏର୍ କରାଯାଇଥିଲା। ଉଚ୍ଚନ୍ୟାୟାଳୟ, ଓଡିଶା ୨୦୨୦ ମସିହାରେ ଜିଲ୍ଲାପାଳ ବାଲେଶ୍ୱରଙ୍କୁ ଉକ୍ତ ଘଟଣାକୁ ତଦନ୍ତ କରି ତିନି ମାସ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜିଲ୍ଲାପାଳ ଦୀର୍ଘ ୬ ବର୍ଷ ଧରି କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଗତ ଜାନୁୟାରୀ ମାସ ରେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଏକ ବିରାଟ ସମାବେଶ କରାଯାଇ ଉପଜିଲ୍ଲାପାଳ ନୀଳଗିରିଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ଦିଆଯାଇଥିଲା। ଏହାକୁ ଆଧାର କରି ଗତ ଏପ୍ରିଲ ମାସ ସତର ତାରିଖ ଦିନ ମକଦ୍ଦମା କରିଥିବା ବ୍ୟକ୍ତି ମାନଙ୍କୁ ଜାବାବ ଦେବା ପାଇଁ ସେ ନୋଟିସ କରିଥିଲେ। ସେ ଦିନ ଜିଲ୍ଲାପାଳ ବାଲେଶ୍ୱର ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ର ସଦସ୍ୟ ମାନଙ୍କୁ କହିଥିଲେ ଯେ ଆପଣ ମାନଙ୍କ ଦାବୀ ଯାଥାର୍ଥ। ଏପ୍ରିଲ କୋଡ଼ିଏ ତାରିଖ ଦିନ ତହସିଲଦାର ନୀଳଗିରି ଙ୍କ ସହିତ ଉକ୍ତ ଅଞ୍ଚଳ ପରିଦର୍ଶନ କରିବାକୁ ଯାଇ ଘଟଣାକୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଯାବତ ଜିଲାପାଳ ବାଲେଶ୍ୱର କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ର ସଭ୍ୟମାନଙ୍କ ମଧ୍ୟରେ ସଂଶୟ ସୃଷ୍ଟି ହୋଇଛି। ସେଥିପାଇଁ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ର ଆବାହକ ଶ୍ରୀ ବିଜୟ କୁମାର ପାତ୍ର ଆଜି ରିଶିଆ ଠାରେ ଆଗାମୀ ଦିନରେ ଆନ୍ଦୋଳନକୁ ଦୁର୍ବାର କରି ଗଢିବା ପାଇଁ ଏକ ବୈଠକ ଆୟୋଜନ କରିଥିଲେ। ଉକ୍ତ ବୈଠକରେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର ସଭ୍ୟ କିଶୋର ଚନ୍ଦ୍ରପୁର୍ ପଞ୍ଚାୟତ ର ପୂର୍ବତନ ସରପଞ୍ଚ ରଘୁନାଥ ସିଂ ସଭାପତିତ୍ୱ କରିଥିଲେ। ଉକ୍ତ ବୈଠକରେ କୁଲଡିହା ଅଭୟାରଣ୍ୟ ସଂଲଗ୍ନ ଦଶଟି ପଞ୍ଚାୟତ ର ଜନସାଧାରଣ ଯୋଗଦେଇ ନିଜର ମତାମତ ରଖିଥିଲେ। ଆଗାମୀ ଦିନରେ ଆନ୍ଦୋଳନ କୁ ତୀବ୍ରତର କରିବା ପାଇଁ ଆସନ୍ତା ପନ୍ଦର ଦିନ ଭିତରେ ଏକ ଗଣ ସମ୍ମେଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି, ଜ୍ୟୋତିର୍ମୟ ରାଉତ, ଜୋଗାନନ୍ଦ ଦାସ, ମନୋରଞ୍ଜନ ସାହୁ, ଭାଗବାନ ମହାନ୍ତି, ଜଗନ୍ନାଥ ସିଂ, ପୁରୁଷୋତ୍ତମ ଖଣ୍ଡିଏ, ଗଜେନ୍ଦ୍ର ସିଂ, ଅମରେନ୍ଦ୍ର ନାୟକ, ଯାମିନୀ ହାଁସଦା, ଲକ୍ଷ୍ମୀଧର ସାହୁ, ରାମଚନ୍ଦ୍ର ସିଂ, ଶ୍ୟାମ ସିଂ, ଗଙ୍ଗାଧର ମହାନ୍ତିଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

## ରେଳବାଇ ଫାଟକ କର୍ମଚାରୀଙ୍କ ଦାୟିତ୍ୱହୀନତା; ଭାଙ୍ଗିଲା ରେଳ ଫାଟକ

ବସ୍ତା ବ୍ଲକ, ୩।୫ (ସମିସ): ବସ୍ତା ରେଳ ଷ୍ଟେସନ ସଂଲଗ୍ନ ଖୁଣ୍ଟା ଓ କୁଣ୍ଡପୁର ଏଲ ସି ଗେଟ ନମ୍ବର ୬୦ରେ ଏକ ଅଘଟଣ। ପତ୍ର ଥାଳି ନେଇ ଯାଉଥିବା ଏକ ଟେମ୍ପୋ ଗେଟରେ ବାଜି ଯିବା ଫଳରେ ଟେମ୍ପୋ ଚାଳକ ଓ ବାଇକ ଆରୋହୀ ମାନେ ନିଶ୍ଚିତ ଦୁର୍ଘଟଣା ରୁ ବର୍ତ୍ତି ଯାଇଥିବା ଦେଖିବାକୁ ମିଳିଛି। ରବିବାର ଦିନ ଗୋଟାଏ ସମୟରେ ଗୋଟିଏ ପତ୍ର ଥାଳି ବୋଝେଇ ଗାଡି ଫାଟକ ପାର ହେଉଥିବା



ସମୟରେ ପ୍ରଥମ ବେରିଗେଟକୁ ପାରି ହୋଇ ଦ୍ୱିତୀୟ ବେରିଗେଟରେ ପହଁଚିବା ସମୟରେ ରେଳ କର୍ମଚାରୀଙ୍କ ମନ ମାନି ତଥା ଦାୟିତ୍ୱହୀନତା ଯୋଗୁଁ ବେରିଗେଟକୁ ଉପର ତଳ କରୁଥିବା ରୁ ବୋଝେଇ ଗାଡି ସିଧା ବେରିଗେଟରେ ବାଡେଇ ହୋଇଯାଇଥିଲା । ତତକ୍ଷଣାତ୍ ବେରିଗେଟଟି ଭାଙ୍ଗି ଯାଇ ତଳକୁ ଝୁଲି ପଡ଼ିଥିଲା । ଯାହାଫଳରେ ଫାଟକ ପାର ହେଉଥିବା ଅନେକ ବାଇକ ଚାଳକ ଏବଂ ବୋଝେଇ ଗାଡିର ଚାଳକ ଅଳ୍ପକେ ଏକ ବହୁତ ବଡ଼ ଦୁର୍ଘଟଣାରୁ ରକ୍ଷା ପାଇ ଯାଇଥିଲେ। ଗେଟ କର୍ମଚାରୀ ଙ୍କ ଏଭଳି କାର୍ଯ୍ୟ କୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା।

## ପୂର୍ବତନ ବିଧାୟକ ଅରୁଣ ଦେଙ୍କ ଜୟନ୍ତୀ

ବାଲେଶ୍ୱର, ୩।୫ (ସମିସ): ବିଶିଷ୍ଟ ରାଜନେତା ତଥା ପାଞ୍ଚ ଥର ବିଧାୟକ ହୋଇଥିବା ଅରୁଣ ଦେଙ୍କ ୮୦ ତମ ଜୟନ୍ତୀ ସ୍ମୃତି ପରିଷଦ ଆନୁକୁଲ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ତାଙ୍କ ବାସଭବନରେ ଥିବା ପ୍ରତିମୂର୍ତ୍ତି ଏବଂ ତାଙ୍କ ପିତା ସ୍ୱର୍ଗତଃ ଗୋଲକନାଥ ଦେଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ଏକ ଶୋଭାଯାତ୍ରାରେ ଅରୁଣ ଦେଙ୍କ ସାଥି ଓ ସମର୍ଥକମାନେ ଓଟି ରୋଡ଼ ପାଶ୍ୱର୍ରେ ଥିବା ଦେଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଶିଷ୍ଟ ନାରୀନେତ୍ରୀ ଡକ୍ଟର ଲେଖାଶ୍ରୀ ସାମନ୍ତ ସିଂହାର, ନୀଳଗିରି ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ରେମୁଣା ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ସଦର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ପରିଷଦ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ପ୍ରସାଦ ମହାନ୍ତି ଏବଂ ସାଧାରଣ ସମ୍ପାଦକ ରଂଜନ ବାଗ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ତପନ ଚକ୍ରବର୍ତ୍ତୀ, ପ୍ରାକ୍ତନ ଉପନଗରପାଳ ମନୋଜ କୁମାର ରାଉତ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ପରିଷଦର ବରିଷ୍ଠ ସଦସ୍ୟ କବି ଶ୍ରୀଦେବ, ବିଶ୍ୱଜିତ ମହାପାତ୍ର, ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ, ବିନୋଦ ଜୀ, ଅଭିଜିତ ଦାସ, ଗୋବିନ୍ଦ ରାଠୀ, ସମ୍ପଦ ଦାସ, ଭୋଳାନାଥ ବେହେରା, ତ୍ରିଲୋଚନ ବାରିକ, ପ୍ରଫେସର ଦୀପକ ଦାସ, ମଧୁସୂଦନ ଦାସ, ଯୁବନେତା ଧୀରେନ ନାୟକ, ସତ୍ୟରଂଜନ ଦାସ, ଚିରାଗ ଚୌହାନ୍, ଦେବାଶିଷ ଦାଶ, ଛାତ୍ରନେତା ବିଭୁଦତ୍ତ ପରିଡ଼ା, ସୌଭାଗ୍ୟ ଖୁଣ୍ଟିଆ, ଜୟନ୍ତ ମହାପାତ୍ର, ରାଜା ଦେ, ବିକାଶ ବେହେରା, ତପନ କୁମାର ଦାସ, ହର୍ଷ ଖଣ୍ଡେଲୱାଲ, ନନ୍ଦିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରିଷଦ ପକ୍ଷରୁ ପଥଚାରୀଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଥିଲା।




## ରଡ ଚୋରିକରିବାକୁ ଆସି ଧରାପଡ଼ିଲା ଯୁବକ

ରାଜଘାଟ, ୩।୫ (ସମିସ): ବସ୍ତା ଥାନା ସନ୍ତୋଷପୁର ଗ୍ରାମରେ ନିର୍ମାଣାଧିନ ଶିବ ମନ୍ଦିର ନିକଟରୁ ଲୁହାଛଡ଼ ଚୋରିକରି ଜଣେ ଦୁର୍ବୃତ୍ତ ପଳାୟନ କରୁଥିବା ସମୟରେ ଗ୍ରାମବାସୀ ତାକୁ କାବୁ କରି ପୁଲିସ ଜିମାରେ ଦେଇଛନ୍ତି। ଦୁର୍ବୃତ୍ତ ଜଣକ ହେଲେ ସ୍ଥାନୀୟ ତେଘରୀ ଗ୍ରାମର ସେକ୍ ନବି(୪୧)। ଘଟଣା ଅନୁସାରେ ରବିବାର ପୂର୍ବାହ୍ଣରେ କିଛି ରାଜମିସ୍ତ୍ରୀ ଉକ୍ତ ମନ୍ଦିରରେ କାମ କରୁଥିବା ବେଳେ କିଛି ଟୁକୁରା ଟୁକୁରା ଲୁହାଛଡ଼ ମନ୍ଦିର ନିକଟରେ ପଡ଼ିଥିଲା। ରାଜମିସ୍ତ୍ରୀମାନେ କାମରେ ବ୍ୟସ୍ତ ଥିବାର ଦେଖି ସେକ୍ ନବି ୬ଖଣ୍ଡ ଟୁକୁରା ଲୁହାଛଡ଼କୁ ନେଇ ପଳାୟନ କରୁଥିଲା। ବାଟରେ ଯାଉଥିବା କିଛି ପଥଚାରୀ ତାହା ଦେଖିପାରି ତାକୁ କାବୁ କରିନେଇଥିଲେ। ପରେ ତା' ନିକଟରୁ ଗୋଟିଏ ସାଇକେଲ ଓ ପ୍ରେସର କୁକର ମଧ ଜବତ ହୋଇଥିଲା।

## 'ଗୋଟିଏ ଜଳଯାତ୍ରାର କାହାଣୀ' ଲୋକାର୍ପିତ

ବାଲେଶ୍ୱର,୩।୫(ସମିସ): ନୀଳଗିରି ରୋଡ଼ ହାଇସ୍କୁଲ, ବରୁଣ ସିଂରେ ୩୫ ବର୍ଷର ଶିକ୍ଷକତା ପରେ ଅବସର ନେଇଛନ୍ତି ସଂସ୍କୃତ ଶିକ୍ଷକ ଅଞ୍ଜନ ଚାନ୍ଦ। ଏହି ଉପଲକ୍ଷେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ, କର୍ମଚାରୀ, ସ୍କୁଲ କମିଟି, ପୁରାତନ ଛାତ୍ର ସଂସଦ,ଗ୍ରାମ ପଞ୍ଚାୟତ ଓ ବିଭିନ୍ନ ଅନୁଷ୍ଠାନ ତରଫରୁ ତାଙ୍କୁ ମାନପତ୍ର ଓ ଉପାୟନ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଶ୍ରୀ ଚାନ୍ଦଙ୍କ ଷଷ୍ଠ ଗଳ୍ପ ସଂକଳନ 'ଗୋଟିଏ ଜଳାଯାତ୍ରାର କାହାଣୀ' ଲୋକାର୍ପିତ ହୋଇଥିଲା। କବି ପ୍ରଶାନ୍ତ ଦାସ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ପୁସ୍ତକ ଲୋକାର୍ପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ପ୍ରଭା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବରେ ସ୍କୁଲର ପ୍ରତିଷ୍ଠାତା ସଦସ୍ୟ ମାର୍କଣ୍ଡ ଚରଣ ସେଠି, ବାଲେଶ୍ୱର ଓଷ୍ଟାର ପ୍ରାକ୍ତନ ସଭାପତି



ବାଦଲ ଚନ୍ଦ୍ର ପାତ୍ର, ବର୍ତ୍ତମାନର ସଭାପତି ମନୋରଞ୍ଜନ ଦାସ, ସମ୍ପାଦକ ବିଜୟ କୁମାର ପାତ୍ର, ପ୍ରସନ୍ନ କୁମାର ମିଶ୍ର, ଗୋପବନ୍ଧୁ ଦାସ, ବାସୁଦେବ ପାଣିଗ୍ରାହୀ, ସରପଞ୍ଚ ଝିଲିଶ୍ରୀ ମହାଳିକ, ରଘୁନାଥ ପଣ୍ଡା, ଶଶିକାନ୍ତ ପରିଡ଼ା, ଚିତ୍ରଲେଖା ମହାପାତ୍ର, ଆଶିଷ ଦାସ ପ୍ରମୁଖ ଯୋଗ ଦେଇ ଶ୍ରୀ ଚାନ୍ଦଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ସୋନାଲି ଶିଖା ପାଣିଗ୍ରାହୀଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସ୍କୁଲର ଶିକ୍ଷକ ଶିକ୍ଷିକା ଅରୁଣ କୁମାର ମହାନ୍ତି, ବନ୍ଦନା ଗିରି, ଅମିତା ନନ୍ଦ,କୁନ୍ତଳା ସେଠି, ସୀମାରାଣୀ ବେହେରା, ସ୍ୱପ୍ନା ସାହୁ, ହରିପ୍ରିୟା ସେଠି, ସୁରେନ୍ଦ୍ର ପ୍ରସାଦ ବେହେରା, ପଦ୍ମଜା ଶତପଥୀ, ରେଣୁବାଳା ମିଶ୍ର, ସୁକାନ୍ତି ରାଉତ, ନୀଳିମା ନନ୍ଦ, ମମତା ମଲ୍ଲିକ, ରଶ୍ମି ରେଖା ଦାସ, ମଞ୍ଜୁଲତା ସାହୁ, ପ୍ରତିମା ପଣ୍ଡା, ସୁମିତ୍ରା ପରିଡ଼ା, ଲକ୍ଷ୍ମୀଧର ଦଳେଇ, ଜ୍ଞାନରଞ୍ଜନ ସ୍ୱାଇଁ, ଜିତେନ ପଣ୍ଡା, ହାଡ଼ିବନ୍ଧୁ ଘଡେଇ, ଦାମୋଦର ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ଥାନାରେ ପଶି ଭଙ୍ଗାରୁଜା କଲା ଦନ୍ତା

ବସ୍ତା ବ୍ଲକ, ୩।୫ (ସମିସ): ବାହାବଳପୁର ସାମୁଦ୍ରିକ ଥାନା ଅଞ୍ଚଳରେ ଦୀର୍ଘ ୪ ଦିନ ଧରି ଏକ ଦନ୍ତା ହାତୀର ଦୌରାତ୍ମ୍ୟ ଦେଖିବାକୁ ମିଳିଛି। ଚାନ୍ଦିପୁର ବନାଞ୍ଚଳରୁ ଏହି ଦନ୍ତା ହାତୀ ପଶି ଆସି ବାହାବଳପୁରର



ଏଣେ ତେଣେ ବୁଲୁଛି। ଶନିବାର ଓ ରବିବାର ଏହି ହାତୀ ଥାନା ଭିତରେ ପଶିବା ସହିତ ଗାଡ଼ି ମୋଟରକୁ ନଷ୍ଟ କରିଛି। ସେମିତି କିଛି କ୍ଷୟକ୍ଷତି କରୁନଥିଲେ ମଧ୍ୟ ଲୋକଙ୍କ ମଧ୍ୟରେ ଭୟ ର ବାତାବରଣ ଖେଳି ଯାଇଛି। ବନବିଭାଗ କର୍ମଚାରୀ ହାତୀ ର ଗତିବିଧି ଉପରେ ନଜର ରଖିଥିବା ଦେଖିବାକୁ ମିଳିଛି।

## ସାମ୍ବାଦିକ ଅମର ନନ୍ଦଙ୍କ ସ୍ମୃତିସଭା



ବାଲେଶ୍ୱର,୩।୫(ସମିସ): ଜିଲ୍ଲା ସାମ୍ବାଦିକ ପ୍ରକୋଷ୍ଠରେ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଅମର ନନ୍ଦଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଭାପତିତ୍ୱ କରିଥିଲେ ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀ। ମୁଖ୍ୟଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ସୃଷ୍ଟିଧରି ପରିଡା ଯୋଗଦେଇ ସେ କେବଳ ଜଣେ ସାମ୍ବାଦିକ ନଥିଲେ ସେ ଏକାଧାରରେ ଜଣେ ଭଲ ସମାଜସେବୀ ଥିଲେ। ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଶୁଭେନ୍ଦୁ ଦାସ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସେହିପରି ଭାବରେ ଅମର ନନ୍ଦଙ୍କ ବାଲ୍ୟକାଳରୁ ବନ୍ଧୁ ଶିକ୍ଷାବିତ୍ ଗଦାଧର ବାବୁ ଯୋଗଦେଇ ତାଙ୍କ ପିଲାଦିନର କଥା ବଖାଣିଥିଲେ। ସମାଜସେବୀ ଆଶ୍ରିତା ତରେଇ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅମର ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ବରିଷ୍ଠ ସାମ୍ବାଦିକ ତଥା ପରିବାର ଅଦାଲତର ମୁଖ୍ୟ ଶିବ ଦାସ କୁଣ୍ଡୁଙ୍କୁ ମାନପତ୍ର ଉପଢ଼ୌକନ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସ୍ମୃତିଚାରଣ ସଭାରେ ସାମ୍ବାଦିକ ବିଦ୍ୟାଧର ମହାନ୍ତି, ତ୍ରିଲୋଚନ ମହାନ୍ତି, ହିତ୍ରିକ ନାୟକ, ସମ୍ବିତ ବେହେରା, ସମ୍ପାଦକ ଗଗନ ସେଠୀ, ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସାମ୍ବାଦିକ ତ୍ରିଲୋଚନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମାଟ୍ରିକ ପରୀକ୍ଷାରେ ବ୍ଲକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର ବ୍ଲକ, ୩।୫ (ସମିସ) : ଓଡ଼ିଶା ମାଟ୍ରିକ ବୋଡର୍ ପରୀକ୍ଷାରେ ସମଗ୍ର ରାଜ୍ୟରେ ଦଶଜଣ ଟପ୍ପରଙ୍କ ମଧ୍ୟରୁ ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଅନିକେତ ପାତ୍ର ୫୮୬ ନମ୍ବର ରଖି ରାଜ୍ୟରେ ତୃତୀୟ ସ୍ଥାନ ଓ ଜୟପ୍ରକାଶ ପାତ୍ର ୫୮୦ ନମ୍ବର ରଖି ରାଜ୍ୟରେ ଦଶମ ସ୍ଥାନ ଅଧିକାର କରି ଆମ ଅଞ୍ଚଳ ପାଇଁ ଗର୍ବ ଆଣିଛନ୍ତି। ସେଥି ପାଇଁ ଆଜି ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ପକ୍ଷରୁ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଯୁବ ଆଇନଜୀବୀ ଫାଲଗୁନି ପାଣିଗ୍ରାହୀଙ୍କ ନେତୃତ୍ୱରେ ଦୁଇଜଣଙ୍କ ଘରକୁ ଯାଇ ଉପଢୌକନ, କଲମ, ଫୁଲ ଗଛ ଦେଇ ସମ୍ବର୍ଦ୍ଧିତ କରିବା ସହ ମିଠା ଖୁଆଇ ଖୁସି ବାଣ୍ଟିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଚନ୍ଦନ ଦାସ,ନଗର ସାଧାରଣ ସମ୍ପାଦକ ସମର କରଣ, ବିପ୍ଳବ ପ୍ରଧାନ, ଅଞ୍ଜନ ଦାସ, ରଞ୍ଜିତ ପାତ୍ର, ଶଙ୍କର ମହାଳିକ, ସୌରଭ ଗୁପ୍ତା, ରାଧାକୃଷ୍ଣ ସେନ, ଗଜେନ୍ଦ୍ର ଖମାରୀ, ରୋହିତ ବେହେରାଙ୍କ ସମେତ ବହୁ ଯୁବ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



## ହିନ୍ଦ୍ ମଜଦୁର ସଭା ପକ୍ଷରୁ ଶ୍ରମିକ ସମାବେଶ

ବାଲେଶ୍ୱର, ୩।୫ (ସମିସ): ହିନ୍ଦ୍ ମଜଦୁର ସଭା ବାଲେଶ୍ୱର ଶାଖା ପକ୍ଷରୁ ଦକ୍ଷିଣ ପୂର୍ବ ରେଲୱେ ମେନ୍ସ ୟୁନିୟନ ସହଯୋଗରେ ଷ୍ଟେସନ ନିକଟରେ ବିଶାଳ ଶ୍ରମିକ ସମାବେଶ ପାଳିତ ହୋଇଯାଇଛି। ହିନ୍ଦ୍ ମଜଦୁର ସଭାର ଜିଲ୍ଲା ସଭାପତି ବିଶିଷ୍ଟ ଶ୍ରମିକ ନେତା ଅରୁଣ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ସାଂସଦ ରବିନ୍ଦ୍ର କୁମାର ଜେନା, ବସ୍ତା ବିଧାୟିକା ସୁବାସିନୀ ଜେନା, ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଏବଂ ଦକ୍ଷିଣ ପୂର୍ବ ରେଲୱେ ମେନ୍ସ




ୟୁନିଅନ ବାଲେଶ୍ୱର ଶାଖାର ବିଶିଷ୍ଟ ସମାଜସେବୀ ମୁଖ୍ୟ ଉପଦେଷ୍ଟା ଡ. ଗୌର ସାଧନ ମିଶ୍ର, ସଭାପତି ଅରୁଣ କୁମାର ପଲେଇ, ସଂପାଦକ ଉମେଶ ଚନ୍ଦ୍ର ଅଗସ୍ତି, କୋଷାଧ୍ୟକ୍ଷ ଅଭିମନ୍ୟୁ ବେହେରା, ବିଶିଷ୍ଟ ଶ୍ରମିକ ନେତା ଶାନ୍ତନୁ କୁମାର ଦାସ ଓ ଅରୁଣ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବାଲେଶ୍ୱରରେ ୯୦ ଦଶକରେ ପ୍ରତିଷ୍ଠିତ ହୋଇଥିବା ଶତାଧିକ କଳକାରଖାନା ତଥା ବିର୍ଲା ଟାୟାର୍ସ ପୂର୍ଣ୍ଣ କାର୍ଯ୍ୟକ୍ଷମ କରି ଛଟେଇ ହୋଇଥିବା ଶ୍ରମିକ, କର୍ମଚାରୀ ଓ ସ୍ଥାନୀୟ ବେକାରୀଙ୍କୁ ପୁଣି ନିଯୁକ୍ତି ଦେବା ପାଇଁ ସଭାରେ ଦୃଢ଼ ଦାବି ଉପସ୍ଥାପନ କରାଯାଇଥିଲା। ଷ୍ଟେସନ ବଜାର ସ୍ଥିତ ହିନ୍ଦ୍ ମଜଦୁର ସଭା କାର୍ଯ୍ୟାଳୟ ପାଖରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବାଲେଶ୍ୱର ରେଲୱେ ପେନ୍ସନର୍ସ ଗ୍ରୁପ୍ ତରଫରୁ ଉପଦେଷ୍ଟା ଡ. ସୁବ୍ରତ କୁମାର କର, ଆବାହକ କୃଷ୍ଣଚନ୍ଦ୍ର ଦାସ ଓ ଦିବାକର ରାଉତ ତଥା ସବୁ ସଦସ୍ୟ ଓ ଅତିଥିଙ୍କ ଉପସ୍ଥିତିରେ ମେନ୍ସ ୟୁନିୟନ ଅଫିସ ସମ୍ମୁଖରେ ଜଳ ବିତରଣ କେନ୍ଦ୍ରର ଶୁଭାରମ୍ଭ ହୋଇଛି। ଶେଷରେ ବାଲେଶ୍ୱର ଶାଖା ହିନ୍ଦୁ ମଜଦୁର ସଭାର ଉପସଭାପତି ଅନୁପ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜମିସ୍ତ୍ରି-ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଶ୍ରମିକ ସମାବେଶ

ବାଲେଶ୍ୱର, ୩।୫ (ସମିସ): ରାଜମିସ୍ତ୍ରି-ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଶ୍ରମିକ ସମାବେଶ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ସଂଘର ପତାକାକୁ ସଭାପତି ରଂଜନ କୁମାର ବାଗ ଉତ୍ତୋଳନ କରିଥିଲେ। ଏହାପରେ ଏକ ବିରାଟ ପଟୁଆର ସହର ପରିକ୍ରମା କରିବା ପରେ ସିଦ୍ଧି କଲ୍ୟାଣ ମଣ୍ଡପରେ ଆୟୋଜିତ ସଭାରେ ଶ୍ରମିକମାନେ ଯୋଗ ଦେଇଥିଲେ। ଏହି ସଭାରେ ସଂଘ ସଭାପତି ରଂଜନ ବାଗ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଅଶୋକ ବେରା ବିବରଣୀ ପାଠ ମାଧ୍ୟମରେ ସଂଘର ବିଭିନ୍ନ ସୁବିଧା ଓ ଅସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ବାଲେଶ୍ୱରର ପ୍ରାକ୍ତନ ନଗରପାଳ ତପନ ଚକ୍ରବର୍ତ୍ତୀ, ସଂଘର ଉପଦେଷ୍ଟା ବିଷ୍ଣୁ ପ୍ରସାଦ ମହାନ୍ତି, ବାଲେଶ୍ୱର ଉପନଗରପାଳ କୈଳାଶ ଚନ୍ଦ୍ର ସେଠୀ, ପୂର୍ବତନ ଉପନଗରପାଳ ମନୋଜ କୁମାର ରାଉତ, ବିଜୁଳି କର୍ମଚାରୀ ସଂଘର ସଭାପତି ନିମାଇଁ ରାଉତରାୟ, ବୈଷୟିକ ପରାମର୍ଶଦାତା ଇଂ ଗୌରୀଶଙ୍କର ଜେନା, ଇଂ ଚିରାଗ୍ ରଣା, ଶ୍ରମିକନେତା ଅଭିଜିତ୍ ଦାସ ଏବଂ ଆଇନ ପରାମର୍ଶଦାତା ଐଶ୍ୱର୍ଯ୍ୟ ସେନାପତି ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଶ୍ରମିକମାନଙ୍କ ବିଭିନ୍ନ ଦାବି ହାସଲ ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର କର୍ମକର୍ତ୍ତା ସର୍ବଶ୍ରୀ ପରେଶ ମହାନ୍ତି, ଶମ୍ଭୁନାଥ ଜେନା, ହରେନ୍ଦ୍ର ଖଣ୍ଡା, ଜୟକୃଷ୍ଣ ନାୟକ, ସନ୍ତୋଷ ନାୟକ, ଅଜିତ୍ ବାରିକ, ନାରାୟଣ ଜେନା, ପୂର୍ଣ୍ଣଚନ୍ଦ୍ର ଦାସ, ବିଶ୍ୱଦେବ ଘଡ଼େଇ, କାର୍ତ୍ତିକ ପ୍ରଧାନ, ବୀରକିଶୋର ମାଝୀ, ରାଜେନ୍ଦ୍ର ମହାର୍ଣ୍ଣା, ସାଧୁ ଦାସ, ରତିକାନ୍ତ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ ସଂଘର ଦିବଂଗତ ନେତା ଏବଂ ଶ୍ରମିକମାନଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା।



# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଆନନ୍ଦପୁର,୩।୫(ସମିସ): ଆନନ୍ଦପୁର ଉପଖଣ୍ଡ ପଥରପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମାଧବୀଲତା ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜି ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟ କମିଟି ସହଯୋଗରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବାମ୍ପିଡ଼ି ୟୁଜିୟୁପି ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମାକାନ୍ତ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଆନନ୍ଦପୁର ବିଇଓ ଶରତ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ମଦନପୁର ସରପଞ୍ଚ ହିମାଂଶୁ ଭୂଷଣ ଜେନା, ଅବସରପ୍ରାପ୍ତ ଏବିଇଓ ଆନନ୍ଦପୁର ଅଭିମନ୍ୟୁ ସାହୁ, ପାହାଡ଼ପୁର ବାରମାସୀ ୟୁପି ସ୍କୁଲର ପ୍ରଧାନଶିକ୍ଷକ ଦିଲ୍ଲୀପ ସାହୁ, ସମାଜସେବୀ ବଳରାମ ବେହେରା, ଶିକ୍ଷାବିତ କୀର୍ତ୍ତନ ବିହାରୀ ସ୍ୱାଇଁ, ଗ୍ରାମ ମୁରବୀ ମହେଶ୍ୱର ପେରେଇ ଯୋଗ ଦେଇଥିଲେ। ଶିକ୍ଷକ ପ୍ରଫୁଲ୍ଲ ସାହୁ ଅତିଥି ପରିଚୟ ଶିକ୍ଷୟିତ୍ରୀ ରଶ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ମାଧ୍ୟମରେ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପରେ ପୁରାତନ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ବର୍ତ୍ତମାନର ଛାତ୍ରଛାତ୍ରୀ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ବାଣ ଫୁଟାଇ, ବାଜା ବଜାଇ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ଗ୍ରାମ ପରିକ୍ରମା କରି ତାଙ୍କ ଗ୍ରାମସ୍ଥିତ ବାସଭବନରେ ଛାଡ଼ିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନ୍ମଥ ବେହେରା, ଶିକ୍ଷକ କଳାକାର ଜେନା, ଶିକ୍ଷୟିତ୍ରୀ ମମତା ମଞ୍ଜରୀ ଚକ୍ର, ସୁଭଦ୍ରା ପ୍ରିୟଦର୍ଶିନୀ ଚକ୍ର, ଦିପ୍ତୀମୟୀ ମଲ୍ଲିକ ପରିଚାଳନାରେ ସହଯୋଗ କରିଥିଲେ।

# 'ଆବାସ'ରୁ ବଞ୍ଚିତ ଅସହାୟ ସତ୍ୟଭାମା

ଆନନ୍ଦପୁର,୩।୫(ସମିସ)



ଆନନ୍ଦପୁର ଉପଖଣ୍ଡ ଜରଦା ଗ୍ରାମର ସତ୍ୟଭାମା ଜେନା ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ସ୍ୱାମୀ ଜଣେ ଗରିବ ଖଟିଖିଆ ମଣିଷ। ଦିନ ମଜୁରିଆ ଭାବେ କାମ କରୁଥିବା ବେଳେ ଅର୍ଥ ଅଭାବରୁ ଆଜି ପର୍ଯ୍ୟନ୍ତ ଚାଳ ଛପର ଘର ଖଣ୍ଡିଏରେ ପଡ଼ିରହିଛନ୍ତି। ଅଦିନିଆ କାଳବୈଶାଖୀ ସମୟରେ ବାଧହୋଇ ପର ଘରେ ଆଶ୍ରୟ ନେଉଛନ୍ତି ପରିବାର। ସ୍ୱାମୀ ଅକ୍ଷୟ ଅନ୍ୟର ମୂଲ ମଜୁରୀ ଲାଗି ପରିବାର ଚଳାଉଛନ୍ତି। ମୂଲ ମଜୁରୀ ଲାଗିଲେ ଖାଇବେ ଦିନେ ନଗଲେ ଉପବାସ ରହିବେ।ଏହି ପରି ଦୁର୍ଦ୍ଦିନ ଅବସ୍ଥାରେ ସତ୍ୟଭାମାଙ୍କ ପରିବାର। ଅକ୍ଷୟଙ୍କ କହିବା ମୁତାବକ ଆବାସ ଯୋଜନାରେ ଯୋଗ୍ୟ ବିବେଚିତ ଥିବାରୁ ଗତ କିଛିଦିନ ତଳେ ପଞ୍ଚାୟତ କର୍ମଚାରୀ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ପାଇଁ ଫଟୋ ଉଠାଇ ନେବା ସହ ଖୁବ୍‌ଶୀଘ୍ର ଆବାସ ଯୋଜନାରେ ଘର ମିଳିବା ପାଇଁ କୁହାଯାଇଥିବାବେଳେ ଅନ୍ୟମାନଙ୍କୁ ଘର ମିଳିବା ପରେ ପୁଣି ଥରେ ଆବାସ ଯୋଜନାରୁ ବଞ୍ଚିତ ହୋଇଥିଲେ ସତ୍ୟଭାମା। ଏଠି ଗରିବ ଲୋକଙ୍କୁ ଆବାସ ଯୋଜନାରେ ଘର ମିଳୁନାହିଁ ବୋଲି ହିତାଧିକାରୀ ଅଭିଯୋଗ କରିଥିବାବେଳେ ସରକାରଙ୍କ ନୀତିନିୟମରେ ହିତାଧିକାରୀ ସୁଯୋଗ ପାଉଛନ୍ତି ବୋଲି ରାମଚନ୍ଦ୍ରପୁର ସରପଞ୍ଚ ପ୍ରଦୀପ କୁମାର ସାହୁ ପ୍ରକାଶ କରିଛନ୍ତି।

## ଘର ଭିତରକୁ ପଶିଗଲା କାର୍



ତୁରୁମୁଙ୍ଗା,୩।୫(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ରାଜନଗର ତୁରୁମୁଙ୍ଗା ରାସ୍ତାର କଇଣ୍ଡା ଗ୍ରାମର ଏକ ଘରେ କାର୍ ଭାରସାମ୍ୟ ହରାଇ ପଶିଯାଇଛି। ରବିବାର ଅପରାହ୍ଣରେ ଗ୍ରାମର ପ୍ରଦୀପ ବେହେରା ଘର ଭିତରକୁ ପଶିଯାଇଛି। ଦୁର୍ଘଟଣାରେ କାର୍‌ରେ ଥିବା ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଘର ଲୋକେ ବି ବର୍ତ୍ତିଯାଇଛନ୍ତି। ଏକ ପରିବାର କାର ଯୋଗେ ତୁରୁମୁଙ୍ଗା ପଟରୁ ଉଦୟପୁର ଗ୍ରାମକୁ ଏକ ବିବାହ କାର୍ଯ୍ୟରେ ଯୋଗଦେବାକୁ ଯାଇଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ତୁରୁମୁଙ୍ଗା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି।

## ପାଟଣା ବ୍ଲକ୍ ଟପ୍ପର ହେଲେ ବିଦୁସ୍ମିତା

ତୁରୁମୁଙ୍ଗା,୩।୫(ସମିସ): ପାଟଣା ବ୍ଲକ୍‌ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ ବିଦୁସ୍ମିତା ମହାନ୍ତ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ପାଟଣା ବ୍ଲକ୍ ଟପ୍ପର ହୋଇଛନ୍ତି। ବ୍ଲକ୍ ଅଞ୍ଚଳର ଏକମାତ୍ର ଏ-୧ ଛାତ୍ରୀ ଭାବେ ଏହି କୃତିତ୍ୱର ଅଧିକାରୀ ହୋଇଛନ୍ତି। ଚମ୍ପୁଆ ବ୍ଲକ ଜଜପଶି ବାସିନ୍ଦା ତଥା ଅବସରପ୍ରାପ୍ତ ସେନା ଅଧିକାରୀ ବିଭୀଷଣ ମହାନ୍ତ ଓ ଗୃହିଣୀ ଜ୍ୟୋତିର୍ମୟୀ ମହାନ୍ତଙ୍କ ଝିଅ ବିଦୁସ୍ମିତା ମାଟ୍ରିକ ପରୀକ୍ଷାରେ ମୋଟ ୫୪୧ ନମ୍ବର ରଖି ଏ୧ଗ୍ରେଡ୍‌ରେ ପାସ କରି ବିଦ୍ୟାଳୟର ଗୌରବ ଆଣିଥିବାରୁ ପିତା ମାତା, ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା, ପରିଚାଳନା ସମିତିର ସମସ୍ତ ସଦସ୍ୟ ତଥା ଜଜପଶି ଗ୍ରାମର ବୁଦ୍ଧିଜୀବୀ ବୃନ୍ଦ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ତୁରୁମୁଙ୍ଗା ଶିଶୁ ବିଦ୍ୟା ମନ୍ଦିରରେ ଏ ୨ ରେ ୫ ଜଣ, ବି ୧ରେ ୭ ଜଣ, ବି ୨ ରେ ୧୨ଜଣ, ସି ରେ ୧୨ଜଣ ଓ ଡି ରେ ୪ଜଣ, ଏହିପରି ଶତପ୍ରତିଶତ ପାସ କରି ବିଦ୍ୟାଳୟର ଗୌରବ ଆଣିଛନ୍ତି। ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ହାଟଡିହୀରେ ୧୦ଜଣଙ୍କୁ ଏ-୧ ଗ୍ରେଡ୍



ହାଟଡ଼ିହୀ,୩।୫(ସମିସ) : ଚଳିତ ମାଟ୍ରିକ ପରୀକ୍ଷାରେ ହାଟଡ଼ିହୀ ବ୍ଲକର ଏ-୧ ରେ ୧୦ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଏଥିରେ ଆର୍.ବି ହାଇସ୍କୁଲ ଷଡ଼ଙ୍ଗର ଛାତ୍ରୀ ମୋନାଲିସା ପଣ୍ଡା ସର୍ବୋଚ୍ଚ ୫୬୦ ନମ୍ବର ରଖି ବ୍ଲକ୍‌ରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଜି.ସି ବାଳିକା ହାଇସ୍କୁଲ, ଓରାଳି (ସହଶିକ୍ଷା ବ୍ୟବସ୍ଥା)ର ଛାତ୍ର ଗଣେଶ ପରିଡ଼ା ୫୫୮ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଏବଂ ଆର ବି ହାଇସ୍କୁଲ ଷଡ଼ଙ୍ଗର ଛାତ୍ରୀ ସଂଗୀତା ବଳ ୫୫୩ ନମ୍ବର ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ବାଲିବରେଇ ହାଇସ୍କୁଲର ଜି.ଏସ୍ ପ୍ରୀତିପ୍ରଜ୍ଞା ପଣ୍ଡିତ ୫୪୮, ପ୍ରୀତିପ୍ରଜ୍ଞା ବିଶ୍ୱାଳ ୫୪୦, ଶାସଙ୍ଗ ପଞ୍ଚାୟତ ହାଇସ୍କୁଲର ପ୍ରତୀକ୍ଷା ଦେଓ ୫୪୦, କପିଳେଶ୍ୱର ହାଇସ୍କୁଲ କଳିଗାଁର ସାଇଜ୍ୟୋତି ସ୍ୱାଇଁ ୫୪୦, ହାବଳେଶ୍ୱର ହାଇସ୍କୁଲର ଲାବଣ୍ୟବତୀ ମହାପାତ୍ର ୫୪୦, ଓରାଳିର ଶୁଭଲକ୍ଷ୍ମୀ ଜେନା ୫୪୨, ଶାଳଣିଆଁ ହାଇସ୍କୁଲର ନୀଳମାଧବ ସା ୫୪୦ ନମ୍ବର ରଖି ଏ-୧ ଗ୍ରେଡ୍‌ରେ ସଫଳତା ପାଇଛନ୍ତି। ଏ-୧ ରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ, ବିଇଓ ରାଜୀବ ଦଳେଇ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

▶▶ ବ୍ୟାରେଜ ଉଦ୍‌ଘାଟନକୁ ୭ ବର୍ଷ ବିତିଲାଣି

# ଚାଷୀଙ୍କୁ ମିଳୁନି ପାଣି, ପୂରଣ ହେଉନି ଲକ୍ଷ୍ୟ





ଆନନ୍ଦପୁର,୩।୫(ସମିସ): ଆନନ୍ଦପୁର ବ୍ୟାରେଜ୍ ଉଦଘାଟନକୁ ୭ବର୍ଷ ବିତିଲାଣି। ହେଲେ ଚାଷୀଙ୍କୁ ଏଯାଏ ମିଳିପାରୁନି ପାଣି। ଫଳରେ ଫସଲ ଉତ୍ପାଦନ କରିବାରେ ଚାଷୀ ସମସ୍ୟା ଭୋଗୁଛନ୍ତି। ୨୦୦୮ରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। କେନ୍ଦୁଝର ଜିଲ୍ଲାର ଉଭୟ ଘସିପୁରା, ହାଟଡିହୀ ଓ ଆନନ୍ଦପୁର ବ୍ଲକ୍ ସହିତ ବାଲେଶ୍ୱର ଜିଲ୍ଲାର ଖଇରା, ଔପଦା, ସୋର, ବାହାନଗା, ନୀଳଗିରି, ରେମୁଣା ଓ ବାଲେଶ୍ୱର ବ୍ଲକ୍ ଅନ୍ତର୍ଗତ ୬୦ ହଜାର ହେକ୍ଟର ଜମିକୁ ଜଳସେଚନର ବ୍ୟବସ୍ଥା କରାଯିବାର ପରିକଳ୍ପନା କରାଯାଇଥିଲା। ଖରିଫ ଋତୁରେ ୫୬୭୨୦ ହେକ୍ଟର ଜଳସେଚନର ଲକ୍ଷ୍ୟ ରଖାଯାଇଥିବାବେଳେ ଏହାର ସମ୍ପୂର୍ଣ୍ଣ କ୍ଷେତ୍ରାଞ୍ଚଳ ବିସ୍ତାର ୬୭୫୦୦ ହେକ୍ଟର ରହିଥିଲା। ଚାଷୀଙ୍କ ହିତ ପାଇଁ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ୩୧ ଜାନୁୟାରୀ ୨୦୨୦ରେ ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ତେବେ ବ୍ୟାରେଜ ରେଜର ଜଳଧାରଣର ଅବବାହିକା ୮୫୭୦ ବର୍ଗ କିମି ପରିବ୍ୟାପ୍ତ ହୋଇଥିବାବେ ଥିବାବେଳେ ଏବେ ବ୍ୟାରେଜ ଜଳଶୂନ୍ୟ ହୋଇପଡ଼ିଛି। ବହୁ କୋଟି ଟଙ୍କାରେ ନିର୍ମିତ ଏହି ବ୍ୟାରେଜ ଖରାଦିନ ଆରମ୍ଭରୁ ଶୁଖିଲା ପଡ଼ିଛି। ଜଳଭଣ୍ଡାରର ଜଳଶୂନ୍ୟ ଅବସ୍ଥାକୁ ଦେଖି ଆଗାମୀ ଦିନରେ ଚାଷୀ କିଭଳି ଚାଷ କରିବ ଏବଂ ଜଳସେଚନର ସୁବିଧା ପାଇବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଆନନ୍ଦପୁରରେ ବୁଦ୍ଧ ଜୟନ୍ତୀ



ଆନନ୍ଦପୁର,୩।୫(ସମିସ): ଆନନ୍ଦପୁର ବାବା ସାହେବ ଆମ୍ବେଦକର ସେବାସଂଘ ପକ୍ଷରୁ ଭଗବାନ ବୁଦ୍ଧଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସେବାସଂଘ ପରିସରରେ ଅବସ୍ଥାପିତ ଭଗବାନ ବୁଦ୍ଧଙ୍କ ଚରଣରେ ପୁଷ୍ପଗୁଚ୍ଛ ଅର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ସେବାସଂଘର ଉପ-ସଭାପତି ପ୍ରାଣନାଥ ଜେନା ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଚତୁର୍ଭୁଜ ଜେନା ଗୌତମ ବୁଦ୍ଧଙ୍କ ଜୀବନୀ ଏବଂ ସମାଜ ପ୍ରତି ଅବଦାନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ-ସଭାପତି ଶ୍ରୀକାନ୍ତ ଜେନା, ମୁଖ୍ୟ ଉପଦେଷ୍ଟା ଅକ୍ରୁର ଚରଣ ଜେନା, ଉପଦେଷ୍ଟା ବିଦେଶୀ ଚରଣ ଜେନା, ଚିତ୍ତରଞ୍ଜନ ଜେନା, ଅଭିମନ୍ୟୁ ଜେନା, ରାମଚନ୍ଦ୍ର ଜେନା, ସହ-ସାଧାରଣ ସମ୍ପାଦକ ସୁରେଶ କୁମାର ଜେନା, ସାଂଗଠନିକ ସମ୍ପାଦକ ପ୍ରମୋଦ କୁମାର ଜେନା ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ସାଂସ୍କୃତିକ ସମ୍ପାଦକ କଳାକାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ମଛାଲୋ ଗ୍ରାମର କେତେକ ଉଦୀୟମାନ ଯୁବକ ଏବଂ ବାଇଲୋ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ।

## ଗୟଳମୁଣ୍ଡାରେ ଦୀନଦୟାଲ ପ୍ରଶିକ୍ଷଣ ଶିବିର



ଆନନ୍ଦପୁର,୩।୫(ସମିସ): ଆନନ୍ଦପୁର ବ୍ଲକ୍ ଗୟଳମୁଣ୍ଡା ମଣ୍ଡଳରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ମଣ୍ଡଳସ୍ତରୀୟ ମହାପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ କେନ୍ଦୁଝର ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ ଉଦ୍‌ଘାଟନ କରିଥିଲେ। ଏହି ମହାପ୍ରଶିକ୍ଷଣ ଶିବିରରେ ବିଜେପି ନେତା ଆଲୋକ ସେଠୀ, ରାମଚନ୍ଦ୍ର ସାହୁ, ଯଶସ୍ୱିନୀ ବଳ, ଶମ୍ଭୁନାଥ ରାଉତ, ଅସୀମା ମିଶ୍ର, ଟୁକୁନା ମହାନ୍ତ, ଜ୍ଞାନରଞ୍ଜନ ସାମନ୍ତସିଂହାର, ହେମନ୍ତ ସାହୁ, ମଳୟ ମିଶ୍ର, ମାନସ ସାହୁ, କାର୍ତ୍ତିକ ମହାନ୍ତ ମାନସ ମହାନ୍ତ, ପଞ୍ଚାନନ ତ୍ରିପାଠୀ ଓ ଅନେକ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ମହାପ୍ରଶିକ୍ଷଣ ଶିବିର ଶନିବାରରୁ ଆରମ୍ଭ ହୋଇ ଆଜି ଉଦଯାପିତ ହୋଇଛି।

## ଧକୋଠାରେ ବିଜେପି କାର୍ଯ୍ୟାଳୟ ଉଦ୍‌ଘାଟିତ

ଆନନ୍ଦପୁର,୩।୫(ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଧକୋଠାରେ ଶ୍ରମ ଦିବସ ପାଳନ ଅବସରରେ ସରକାରୀ ଓକିଲ ବିଚିତ୍ର କୁମାର ଚକ୍ରଙ୍କ ଦ୍ୱାରା ବିଜେପି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପଞ୍ଚାୟତ ସଭାପତି ସୁଦର୍ଶନ ମହାନ୍ତ ଯୋଗ ଦେଇ ସଭା ପରିଚାଳନା କରିଥିଲେ। ବରିଷ୍ଠ ବିଜେପି ନେତା ପଦ୍ମ ଲୋଚନ ମହାନ୍ତ ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ପୂର୍ବତନ ସରପଞ୍ଚ ବିନୟ ପାତ୍ର, ରବୀନ୍ଦ୍ର ନାହାକ, କବିନ୍ଦ୍ର ପାତ୍ର, ବୀରଭଦ୍ର ପାତ୍ର, ଛବିଳ ନାଇକ ଯୋଗଦେଇଥିଲେ। ବିଜେପି ନେତା ଜଗବନ୍ଧୁ ବାରିକ, ମାନସ ଖିଲାର, ପୁରୁଷୋତ୍ତମ ନାଏକ, ସୁରେନ୍ଦ୍ର ନାୟକ, ଚତୁର୍ଭୁଜ ଖଟୁଆ ଓ ପୂର୍ଣ୍ଣଚନ୍ଦ୍ର ପ୍ରମୁଖ ପରିଚାଳନା କରି ଥିବାବେଳେ ବିଜେପି ଯୁବ ନେତା ଇନ୍ଦ୍ରଜିତ ଖିଲାର ଧନ୍ୟବାଦ ଅର୍ପଣ କରି ଥିଲେ।

## ଶ୍ରୀଗୁପ୍ତେଶ୍ୱର ଉଚ୍ଚ ବିଦ୍ୟାଳୟର ଶତପ୍ରତିଶତ ସଫଳତା

ଯୋଡ଼ା,୩।୫(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବଡ଼ କାଳିମାଟି ପଞ୍ଚାୟତର ଶ୍ରୀଗୁପ୍ତେଶ୍ୱର ଉଚ୍ଚ ବିଦ୍ୟାଳୟ ଦବୁନା ଶତପ୍ରତିଶତ ସଫଳତା ହାସଲ କରିଛି। ସମୁଦାୟ ୨୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ, ସେଥିମଧ୍ୟରୁ ଶିବାନୀ ବେହେରା ଏ୨ (୮୪.୮୩ ପ୍ରତିଶତ), ଏ୧ ଦୁଇ ଜଣ ମାଳତୀ ବାରିକ ଏବଂ (୭୬.୧୬ ପ୍ରତିଶତ) ମନମୋହିନୀ ବାରିକ (୭୧ପ୍ରତିଶତ), ଏ୨ (୭୪.୫ପ୍ରତିଶତ) ରଖି ଅଙ୍କିତା ବେହେରା ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସି ଗ୍ରେଡ୍‌ରେ ୫ ଜଣ, ଡି ଗ୍ରେଡ୍‌ରେ ୬ ଜଣ ଏବଂ ଇ ଗ୍ରେଡ୍‌ରେ ୧୧ ଜଣ ପାସ କରିଥିବା ଜଣାପଡିଛି। ତେବେ ସମୁଦାୟ ୨୬ରୁ ୨୬ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ପ୍ରଧାନ ଶିକ୍ଷକ ହରେକୃଷ୍ଣ ରାଉତଙ୍କ ସହିତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏଥିପାଇଁ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଧାନ ଗାଡ଼ି ଅଟକ ଯୋଗୁଁ ଉତ୍ତେଜନା



ଆନନ୍ଦପୁର,୩।୫(ସମିସ): ଚାଷୀଙ୍କ ପାଖରୁ ଧାନ ନେଇ ଦୀର୍ଘ ମାସ ଧରି ଟଙ୍କା ନ ଦେବାରୁ ଚାଷୀମାନେ ବେପାରୀର ଟ୍ରକ୍‌କୁ ଅଟକ ରଖିଥିଲେ। ଏହି ଘଟଣାକୁ ନେଇ ବଳଦୁଆଁ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ଆନନ୍ଦପୁର ବ୍ଲକ୍ ବଳଦୁଆଁ ଗାଁର ୧୦ ଜଣକ ଚାଷୀଙ୍କ ନିକଟରୁ କେନ୍ଦୁଝର ପାଟଣା ଅଞ୍ଚଳର ସାଗର ମହାନ୍ତ ଓ ମିଥୁନ ସାହୁ ୧୨ ଟନ୍‌ରୁ ଊର୍ଦ୍ଧ୍ୱ ଧାନ ନେଇ ସେ ବାବଦକୁ ଅର୍ଥ ପ୍ରଦାନ କରିନଥିବା ଅଭିଯୋଗ ହୋଇଛି। ଘଟଣା ୩ ରୁ ୪ ମାସ ହେବ ଘଟିଯାଇଥିଲେ ମଧ୍ୟ ଏଯାବତ ଚାଷୀଙ୍କ ଟଙ୍କା ଦେଉନାହାନ୍ତି ଧାନ ବେପାରୀ। ଏନେଇ ଚାଷୀମାନେ ବାରମ୍ବାର ଟଙ୍କା ମାଗି ବିଫଳ ହୋଇଥିଲେ। ତେବେ ଆଜି ସମ୍ପୃକ୍ତ ବେପାରୀଙ୍କର ଏକ ଗାଡ଼ି ପୁନର୍ବାର ଧାନ ନେବାକୁ ଆସିଥିବାବେଳେ ଚାଷୀମାନେ ସେହି ଗାଡ଼ିକୁ ଅଟକ ରଖିଛନ୍ତି। ଯାହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ଟଙ୍କା ନ ଦେଲେ ଧାନ ବେପାରୀଙ୍କ ଗାଡ଼ି ଛାଡ଼ିବେ ନାହିଁ ବୋଲି ଚାଷୀମାନେ ଜିଦ୍‌ରେ ଅଟଳ ଥିବା ଜଣାଯାଇଛି।

## ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ



ତୁରୁମୁଙ୍ଗା,୩।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍‌ରେ କାର୍ଯ୍ୟରତ ଖବରଦାତାଙ୍କୁ ନେଇ ରବିବାର ବଡ଼ ପାଟଣା ପଞ୍ଚାୟତ ଝାଟିପଡ଼ା ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ରବିବାର ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଆଇନଜୀବୀ ରାହାସ ବିହାରି ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କାର୍ଯ୍ୟରତ ସାମ୍ବାଦିକ ବୃତ୍ତିରେ ସ୍ୱଚ୍ଛତା ସହ ଖବର ପରିବେଷଣରେ ନିରପେକ୍ଷତା ଉପରେ ଆଲୋଚନା ହୋଇଥିଲା। ଏଥିରେ ସାମ୍ବାଦିକ ମହେଶ୍ୱର ପୃଷ୍ଟି, ବୀର କିଶୋର ଦାଶ, ସନ୍ତୋଷ କୁମାର ପତି, ରଞ୍ଜନ କୁମାର ବାରିକ, ଦଶରଥ ବାରିକ, ଜିତେନ୍ଦ୍ର କୁମାର ସେଠୀ, ଅଞ୍ଜନ ରଣା, ଦୀନବନ୍ଧୁ ମିଶ୍ର, ସୁଜିତ କୁମାର ଦାଶ, ଦୀପକ ଭଞ୍ଜ, ଜିତେନ୍ଦ୍ର ଉମାକାନ୍ତ ମହାନ୍ତ, କୈଳାସ ମହାନ୍ତ, ପ୍ରଶ୍ନ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନୂତନ ଭାବେ ସାମ୍ବାଦିକତା କରୁଥିବା ଦୀନବନ୍ଧୁ ମିଶ୍ରଙ୍କୁ ସ୍ୱାଗତ କରାଯାଇଥିଲା। ନିକଟରେ ମୃତ୍ୟୁ ବରଣ କରିଥିବା ଖବର ଦାତା କ୍ଷେତ୍ରବାସୀ ମହାକୁଡ଼ଙ୍କ ଅମର ଆତ୍ମାର ଶାନ୍ତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା।

# ଏଆଇଟିୟୁସି ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ


ଚମ୍ପୁଆ/ଯୋଡା।(୩।୫(ସମିସ): ଆନ୍ତର୍ଜାତିକ ଶ୍ରମିକ ଦିବସ ପରିପ୍ରେକ୍ଷୀରେ ଚମ୍ପୁଆ ଲେବର ୟୁନିଅନ ଏବଂ କେଏମ୍‌ଏଫ୍ ଡବ୍ଲ୍ୟୁ ୟୁନିୟନର ମିଳିତ ସଂଯୋଜନା ଓ ଏଆଇଟିୟୁସି କେନ୍ଦୁଝର ଜିଲ୍ଲା କମିଟି ସହଯୋଗରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଲଙ୍ଗାଲଟା ଏଆଇଟିୟୁସି କାର୍ଯ୍ୟାଳୟରୁ ଏକ ଶ୍ରମିକ ଶୋଭାଯାତ୍ରା ବାହାରି ଜୁରୁଡି ବଜାର ପରିକ୍ରମା କରିଥିଲା। ଏହାପରେ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଟିୟୁସି ଜିଲ୍ଲା ସଭାପତି କମ୍ରେଡ୍ ବିଦ୍ୟାଧର ମାହାନ୍ତ ମଇ ଦିବସର ଲାଲ ପତାକା ଉତ୍ତୋଳନ କରି ଶ୍ରମିକ ଶ୍ରେଣୀ ଶ୍ରମ ଶୋଷଣ ବିରୋଧରେ ଐକ୍ୟବଦ୍ଧ ହେବାକୁ



ଆହ୍ୱାନ ଦେଇଥିଲେ। ଶହୀଦ ବେଦୀରେ ମାଲ୍ୟାର୍ପଣ ପରେ ବିଦ୍ୟାଧର ମାହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ମଇ ଦିବସ ସମାରୋହରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ ସମବେତ ଶ୍ରମିକଙ୍କୁ ଉଦ୍‌ବୋଧନ ଦେଇଥିଲେ।

# କଣ୍ଟିପାଳ ତେରଘରିଆ ସେତୁ କାର୍ଯ୍ୟ ନିମ୍ନମାନର

ଆନନ୍ଦପୁର,୩।୫(ସମିସ)



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ କଣ୍ଟିପାଳ ପଞ୍ଚାୟତ ତେରଘରିଆ ଅଞ୍ଚଳରେ ନିର୍ମାଣ ହେଉଥିବା ସେତୁ କାର୍ଯ୍ୟ ନିମ୍ନମାନର ଅଭିଯୋଗ ହୋଇଛି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ସେତୁ ନିର୍ମାଣ କାମ ନିମ୍ନମାନର ହୋଇଥିବା ବେଳେ ପୂର୍ବରୁ ସେତୁ ତଳେ ପଡ଼ିଥିବା ପଥରକୁ ଠିକାଦାର ନିର୍ମାଣ କାର୍ଯ୍ୟରେ ବ୍ୟବହାର କରୁଥିବା ମଧ୍ୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହା ସହିତ କୋଟି କୋଟି ଟଙ୍କାର ପ୍ରକଳ୍ପରେ ସୂଚନା ଫଳକ ଲଗାଯାଇ ନଥିବା ଘଟଣା ଆଉ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯାହା ଫଳରେ କାର୍ଯ୍ୟର ସ୍ୱଚ୍ଛତା ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ସ୍ଥାନୀୟ ଲୋକମାନେ କହିଛନ୍ତି ଯେ ଠିକାଦାର ନିଜ ଲାଭ ପାଇଁ ନିମ୍ନମାନର ସାମଗ୍ରୀ ବ୍ୟବହାର କରୁଥିବାବେଳେ ଏଥିପ୍ରତି ବିଭାଗୀୟ ଅଧିକାରୀ ଆଖିବୁଜି ଦେଇଛନ୍ତି। ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାଛଡ଼ା ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଲୁହା ଛଡ଼ର ମାନକୁ ନେଇ ମଧ୍ୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ସବୁଠୁ କଥା ହେଲା ସୂଚନା ଫଳକ ନ ଥିବାରୁ ଠିକାଦାର କିଏ, କେତେ ଟଙ୍କାର କାମ ହେଉଛି, କୌଣସି ସ୍ପଷ୍ଟ ସୂଚନା କାହା ପାଖରେ ନାହିଁ। ଫଳରେ ଅଞ୍ଚଳବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଏଣୁ ଏହାର ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

**ଉଦଳା ଡାକ୍ତରଖାନାରେ ଅବ୍ୟବସ୍ଥା**

# ରୋଗୀଙ୍କୁ ଅବଧି ଶେଷ ଔଷଧ ଦିଆଯାଉଥିବା ଅଭିଯୋଗ

**ଉଦଳା, ୩।୫(ସମିସ)**

ଉଦଳା ମେଡିକାଲରେ ରୋଗୀଙ୍କୁ ଦିଆଯାଇଛି ବ୍ୟବହାର ଅବଧି ଶେଷ (ଏକ୍ସପାଏର) ଔଷଧ। ତାହା ପୁଣି କୁଣ୍ଡିଆ ରୋଗ ପାଇଁ କାନ ଡ୍ରପ ଦିଆଯାଇଥିବାର ସାଙ୍ଘାତିକ ଅଭିଯୋଗ ଆସିଛି। ଉଦଳା ଥାନା ଅନ୍ତର୍ଗତ ଖଲାଡି ଗ୍ରାମର ଲରେନ୍ସ ଖଣ୍ଡେଇ ଦେହରେ କୁଣ୍ଡାଇ ହୋଇ ଘା' ହେଉଥିବା ନେଇ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲକୁ ଆସିଥିଲେ। ଉଦଳା ଡାକ୍ତରଖାନାରେ ଡାକ୍ତର ଦେଖାଇ ନିରାମୟରୁ ଔଷଧ ନେଇ ଘରକୁ ଫେରିଥିଲେ। ରାତିରେ ଔଷଧ ଲଗାଇବାକୁ ଯିବା ସମୟରେ ଜାଣିବାକୁ ପାଇଥିଲେ ଦିଆଯାଇଥିବା ଲୋସନ ଏକ୍ସପାଏର ହୋଇଯାଇଛି। ଯାହା ଜାଣିବା ପରେ ସେ ତାଙ୍କ ମାଆଙ୍କୁ ଘଟଣା ବାବଦରେ ଜଣାଇଥିଲେ। କ୍ଲଟ୍ରିମାଜଲ ଲୋସନଟି ୨୦୨୫ ମସିହାରୁ ଏକ୍ସପାଏର ହୋଇଯାଇଥିବାବେଳେ ତାହା ରୋଗୀଙ୍କୁ ଦିଆଯାଇଥିବାର ସାଙ୍ଘାତିକ ଅଭିଯୋଗ ଆଣିଥିଲେ ରୋଗୀ ଓ ତାଙ୍କ ମାଆ। ଏଥିସହିତ କୁଣ୍ଡିଆ ରୋଗ ନିମନ୍ତେ କ୍ଲଟ୍ରିମାଜଲ ଲୋସନ ବଦଳରେ ସେହି କମ୍ପୋଜିସନ ଥିବା କାନ ଡ୍ରପ ଦିଆଯାଇଥିବା ଦେଖାଯାଇଛି। ଏଭଳି ସାଙ୍ଘାତିକ ଅଭିଯୋଗ ବାବଦରେ ଏସଡିଏମଓଙ୍କୁ ପଚାରିବାରୁ ଉକ୍ତ ମେଡିସିନ ପ୍ରେସକ୍ରିପସନରେ ଲେଖାନାହିଁ ଓ ତାହା ଉଦଳା ମେଡିକାଲର ନୁହେଁ ବୋଲି କହି ଦୋଷ ଲୁଚାଇବାକୁ ଚେଷ୍ଟା କରିଥିଲେ। ପ୍ରଶ୍ନ ଉଠୁଛି କିଏ ସତ କହୁଛି, ଏସଡିଏମଓ ନା ରୋଗୀ ନା ତାଙ୍କ ସମ୍ପର୍କୀୟ। କର୍ମଚାରୀଙ୍କ ଅବହେଳାକୁ ଲୁଚାଇବାକୁ ଚେଷ୍ଟା କରୁନାହାନ୍ତି ତ ମେଡିକାଲ ଅଧିକାରୀ। ଉଦଳା ଡାକ୍ତରଖାନାର ଦୁରବସ୍ଥା ନ କହିଲେ ଭଲ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।







# ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟରେ ବିଦାୟ ଉତ୍ସବ




**ବାରିପଦା, ୩।୫(ସମିସ):** ସ୍ଥାନୀୟ ତକତପୁରସ୍ଥ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟ ପରିସରରେ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ରଞ୍ଜନ କୁମାର ତରାଇଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ମୁଖ୍ୟଅତିଥି ଅଧ୍ୟକ୍ଷ ଡ. ତରାଇ ବିଦାୟୀ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି କହିଥିଲେ, ନିଜର କଠିନ ସାଧନା ବଳରେ ହିଁ ଜୀବନକୁ ଉଜ୍ଜ୍ୱଳମୟ କରିହେବ। ବରିଷ୍ଠ ଅଧ୍ୟାପକ ଡ. ଭକ୍ତଚରଣ ସୋରେନ, ଅଧ୍ୟାପକ ସୁନୀଲ ଜେନା, ଧୀରେନ୍ଦ୍ର ବେହେରା, ଅଧ୍ୟାପିକା ଜୟଶ୍ରୀ ମିଶ୍ର, ସୁଶ୍ରୀ ଏସ୍ ନାୟକ, ଶ୍ରଦ୍ଧା ସୋରେନ ଓ ଆସିଷ୍ଟାଣ୍ଟ ଲାଇବ୍ରେରିଆନ୍ ନମିତା ଗିରି ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ବିଦ୍ୟା ଓ ସହନଶୀଳତା ହିଁ ଜଣେ ସଫଳ ବିଦ୍ୟାର୍ଥୀର ପ୍ରକୃତ ପରିଚୟ ବୋଲି ମତବ୍ୟକ୍ତ କରିଥିଲେ। ଅଫିସ୍ ସୁପରିଟେଣ୍ଡେଣ୍ଟ ଅତୁଲ ମହାନ୍ତି, ବରିଷ୍ଠ କିରାଣି ତାପସ ଜେନା ଓ ଲାଇବ୍ରେରୀ ଆଟେଣ୍ଡାଣ୍ଟ ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଦାୟୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଶିଷ୍ ବେହେରା, ଦୁର୍ଲ୍ଲଭ ମିଶ୍ର, ଦେବଜ୍ୟୋତି ଦଳବେହେରା, ଲିପୁନ ଧୀର୍, ଉପାସନା ସାହୁ, ପୂଜା ମହାନ୍ତି, ଶୁଭଶ୍ରୀ ବେହେରା, ମୀରାମ୍ବିକା ନାୟକ ଓ ଫାଲ୍ଗୁନୀ ମୁଖୀ ପ୍ରମୁଖ ନିଜର ଅଭିଜ୍ଞତା ବଖାଣିଥିଲେ। ପ୍ରାରମ୍ଭରେ ଦ୍ୱିତୀୟ ବର୍ଷର ଛାତ୍ରୀ ସୀତା ବେସ୍ରା ଓ ରୁପାଲି ବରାଳ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ମନୋଜ୍ଞ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ବିଦାୟୀ ବନ୍ଧୁଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ବର୍ଷର ଛାତ୍ର ପ୍ରିୟବ୍ରତ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋ-ତସ୍କରୀ ଓ ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ୨ ଦୁର୍ବୃତ୍ତ ଗିରଫ

**ବୈଶିଙ୍ଗା, ୩।୫(ସମିସ):** ବୈଶିଙ୍ଗା ଥାନା ଅଞ୍ଚଳରେ ଗୋ-ମାଫିଆଙ୍କ ପ୍ରାଦୁର୍ଭାବ ଥମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛି। ମଙ୍ଗଳବାର ରାତିରେ ଗୋ-ମାଫିଆଙ୍କ ଗୁଳିମାଡ଼ର ଶିକାର ହୋଇ ଗୋରକ୍ଷକ ଯୁଗପୁରା ଅଞ୍ଚଳର ରମେଶ ବିଶ୍ୱାଳ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବାବେଳେ ଶନିବାର ବୈଶିଙ୍ଗା ପୁଲିସକୁ ମିଳିଛି ସଫଳତା। ଥାନା ଅଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଗୋ-ତସ୍କରି ଓ ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ୨ ଦୁର୍ବୃତ୍ତ ମୟୂରଭଞ୍ଜ ସୀମାବର୍ତ୍ତୀ ବାଲେଶ୍ୱର ସଦର ଥାନା ଅଧୀନ ଜଙ୍ଗରାଇ ଗ୍ରାମର ଏସକେ ନେହୁରର ପୁଅ ଏସକେ କେସିମୁଦ୍ଦିନ ଓ ଗୋବିନ୍ଦରାୟପୁର ଗ୍ରାମର ମଲ୍ଲିକ ଜେମାଲୁଦ୍ଦିନର ପୁଅ ମଲ୍ଲିକ ଖେଇରୁଦ୍ଦିନକୁ ଗିରଫ କରିଛନ୍ତି ଏସଆଇ ସରୋଜ ଜେନା। ମଙ୍ଗଳବାର ବିଳମ୍ବିତ ରାତିରେ କିଛି ଗୋମାଫିଆ ବିଭିନ୍ନ ଅଞ୍ଚଳରୁ ଗୋରୁ ଚୋରି କରି ୨ଟି ଭ୍ୟାନ ଯୋଗେ ମୁଖ୍ୟ ରାସ୍ତାରେ ନ ଯାଇ ଯୁଗପୁରା ଦେଇ ଜାମନଣ୍ଡା ପଟକୁ ଯାଉଥିବା ସମୟରେ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଗ୍ରାମର କିଛି ଗୋରକ୍ଷକ ଯୁବକ ସେମାନଙ୍କ ପିଛା କରିବା ସମୟରେ ସେମାନେ ଦ୍ରୁତ ଗତିରେ ଖସିଯିବାକୁ ବସିଥିଲେ। କଦଳିଆ ଛକ ନିକଟରେ ଗୋରକ୍ଷକ ଯୁବକ ଦିପୁ ଓ ତାଙ୍କ ସହଯୋଗୀଙ୍କ ସହିତ ଗୋମାଫିଆଙ୍କ ମୁହାଁମୁହିଁ ହୋଇଥିଲା। ଦୀପୁ ଓ ତାଙ୍କ ସହଯୋଗ ଅଟକାଇବାକୁ ଚେଷ୍ଟା କରୁଥିବାବେଳେ ଗୋମାଫିଆ ସେମାନଙ୍କ ଉପରକୁ ଛୋଟ ବୋମା ଫିଙ୍ଗିବା ସହିତ ୨ ରାଉଣ୍ଡ ଗୁଳିଚାଳନା କରି ମଛପଦା ପଟକୁ ଚମ୍ପଟ ମାରିଥିଲେ। ଗୁଳି ଓ ବୋମା ମାଡ଼ରେ ଦୀପୁଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଗ୍ରାମବାସୀ ଓ ପରିବାର ଲୋକ ପହଞ୍ଚି ଦୀପୁଙ୍କୁ ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ।

**ଧର୍ମକୁ ନେଇ ବିବାଦ**

# ପ୍ରଶାସନର ହସ୍ତକ୍ଷେପ ପରେ ହେଲା ଶେଷକୃତ୍ୟ



**ମହୁଲଡିହା, ୩।୫(ସମିସ):** ଠାକୁରମୁଣ୍ଡା ବ୍ଲକ କେଶଡ଼ିହା ପଞ୍ଚାୟତ ଖେଡ଼ିଆପୋଷି ଗ୍ରାମରେ ଜଣେ ଅନ୍ୟ ଧର୍ମ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ମୃତ୍ୟୁ ପରେ ଶବ ସତ୍କାରକୁ ନେଇ ମୃତକଙ୍କ ପରିବାର ସହିତ ମୃତକଙ୍କ ଦ୍ୱିତୀୟ ସ୍ତ୍ରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଦୀର୍ଘ ୨୪ ଘଣ୍ଟା ଧରି ପଡ଼ିରହିଥିଲା ମୃତଦେହ। ତେବେ ପ୍ରଶାସନର ହସ୍ତକ୍ଷେପ ପରେ ଶେଷକୃତ୍ୟ ହୋଇଥିବା ଜଣାପଡ଼ିଛି। ଖେଡ଼ିଆପୋଷି ସାହିରେ ୨ଟି ସାନ୍ତାଳ ସମ୍ପ୍ରଦାୟର ପରିବାର ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିଲେ। ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିବା ଛୁଟୁକୁ ମୁର୍ମୁ ଜ୍ୱରରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରୁ ତାଙ୍କ ମୃତଦେହ ଗତକାଲି ସାନ୍ଧ୍ୟ ପ୍ରାୟ ୫ଟା ସମୟରେ ଘରେ ପହଞ୍ଚିବା ପରେ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିବା ତାଙ୍କ ପୁଅ ଲଖେଦ ମୁର୍ମୁ ସହିତ ତାଙ୍କ ସ୍ତ୍ରୀ ଓ ଭାଇ ବାପାଙ୍କ ଶବକୁ ଖ୍ରୀଷ୍ଟ ଧର୍ମ ଅନୁଯାୟୀ ସତ୍କାର କରିବାକୁ ଯାଉଥିବାବେଳେ ମୃତକ ଛୁଟୁକୁଙ୍କ ଦ୍ୱିତୀୟ ସ୍ତ୍ରୀ ମାଳତୀ ମୁର୍ମୁ ଓ ଗ୍ରାମବାସୀ ହିନ୍ଦୁ ରୀତିନୀତି ଅନୁଯାୟୀ ଶବ ସତ୍କାର କରିବାକୁ ଜିଦ ଧରିଥିଲେ। ଉଭୟ ପକ୍ଷ ଜିଦ୍‌ରେ ଅଟଳ ରହିବାରୁ ଶବ ସତ୍କାର ନ ହୋଇ ପଡ଼ି ରହିଥିଲା। ଧାର୍ମିକ କାରଣରୁ ଶବ ସତ୍କାର ନ ହୋଇ ପଡ଼ିରହିବା ଘଟଣା ପୁଲିସ ଓ ପ୍ରଶାସନ ସୂଚନା ପାଇ ଖେଡିଆପୋଷି ଗ୍ରାମକୁ ଠାକୁରମୁଣ୍ଡା ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ଠାକୁରମୁଣ୍ଡା ଅତିରିକ୍ତ ତହସିଲଦାର ବିଷ୍ଣୁଚରଣ ବାରିକ, ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକ, ମହୁଲଡ଼ିହା ଥାନା ଆଇଆଇସି ତୁଷାର ନାୟକ ଓ ପୁଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କ ସହିତ ଆଲୋଚନା କରି ବୁଝାମଣାରେ ପ୍ରଶାସନକୁ ଶବ ହସ୍ତାନ୍ତର କରାଯାଇଥିଲା। ଶବ ହସ୍ତାନ୍ତର ପରେ ପ୍ରଶାସନ ପକ୍ଷରୁ ମୃତକ ଛୁଟୁକୁଙ୍କ ଥିବା ପଟ୍ଟା ଜମିରେ ଶବ ସତ୍କାର ପାଇଁ ସ୍ଥିରୀକୃତ ହୋଇଥିଲା। ଶନିବାର ରାତି ପ୍ରାୟ ୮.୩୦ରେ ସାନ୍ତାଳ ସମ୍ପ୍ରଦାୟରର ପରମ୍ପରା ଅନୁଯାୟୀ ପରିବାର ଲୋକ ଗ୍ରାମବାସୀ ଓ ପ୍ରଶାସନ ଉପସ୍ଥିତରେ ଶବ ସତ୍କାର କରିଥିଲେ।

# ବରିଷ୍ଠ ଅଧ୍ୟାପିକାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ରାଇରଙ୍ଗପୁର, ୩।୫(ସମିସ):** ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ରାଜଶ୍ରୀ ଦାଶଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଧ୍ୟକ୍ଷ ରବିଶଙ୍କର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟାପିକା ଶୁଭଦର୍ଶିନୀ ମିଶ୍ର ପ୍ରାରମ୍ଭିକ ସୂଚନା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପିକା ତିଳୋତ୍ତମା ଷଡ଼ଙ୍ଗୀଙ୍କ ବୈଦିକ ମନ୍ତ୍ର ଉଚ୍ଚାରଣ ସହ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ସଭା ଆରମ୍ଭ ହୋଇଥିଲା। ଅଧ୍ୟାପକ/ଅଧ୍ୟାପିକା ସେବତୀ ବେହେରା, ସମାପ୍ତିରାଣୀ ଦାସ, ତିଳୋତ୍ତମା ଷଡ଼ଙ୍ଗୀ, ଯଶୋଧାରା ମହାନ୍ତ, ରାଜେନ୍ଦ୍ର ମଣ୍ଡଳ, ଶୁଭଦର୍ଶିନୀ ମିଶ୍ର, ପ୍ରିୟତମା ହେମ୍ବ୍ରମ, ଅନୀତା ସାମାଡ, ଓମପ୍ରିୟା ମଣ୍ଡଳ, ଉପେନ୍ଦ୍ର ଗିରି, ରେଣୁକା ମହାନ୍ତ ଓ ବିଦ୍ୟାବତୀ ବେହେରା ପ୍ରମୁଖ ବିଦାୟୀ ବରିଷ୍ଠ ଅଧ୍ୟାପିକା ଶ୍ରୀମତୀ ଦାଶଙ୍କ ସହ ସେମାନଙ୍କ ସ୍ମରଣୀୟ ମୁହୂର୍ତ୍ତ ଉପସ୍ଥାପନ କରିଥିଲେ। ଶ୍ରୀମତୀ ଦାଶ ତାଙ୍କ ଦୀର୍ଘ ୩୪ ବର୍ଷର ଘଟଣାବହୁଳ କାର୍ଯ୍ୟକାଳ ମଧ୍ୟରେ ପୂର୍ବତନ ଓ ବର୍ତ୍ତମାନର ସହକର୍ମୀଙ୍କ ଅକୁଣ୍ଠ ସାହାଯ୍ୟ ଓ ସହଯୋଗ ପାଇଁ ଧନ୍ୟବାଦ ଜଣାଇ ନିଜ ଅଭୁଲା ସ୍ମୃତିର ରୋମନ୍ଥନ କରିଥିଲେ। ଅଧ୍ୟାପିକା ଅଭିଷିକ୍ତା ଦାଶ ବିଦାୟ ସଙ୍ଗୀତ ଗାନ, ଅଧ୍ୟାପକ ବବୁଲୁ କୁମ୍ଭକାର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ରଞ୍ଜୁଲତା ନାଏକ, ପୁଷ୍ପଲତା ହେମ୍ବ୍ରମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶ୍ରମିକ ଦିବସ

**ବାରିପଦା, ୩।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ବାରିପଦା ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରା ଜଜ ସୁଦୀପ୍ତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶ୍ରମ ବିଭାଗ ଦ୍ୱାରା ଶ୍ରମିକ ହିତାଧିକାରୀଙ୍କ ମଧ୍ୟରେ ବିଭିନ୍ନ ସହାୟତା ମୃତ୍ୟୁକାଳୀନ ସହାୟତା, ଶ୍ରମିକ ପରିଚୟ ପତ୍ର, ବିବାହ ସହାୟତା ଇତ୍ୟାଦି ବଣ୍ଟନ କରାଯାଇଥିଲା। ଏଥିସହିତ ଶ୍ରମିକଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବା ଯୋଜନା ଓ ଅଧିକାର ବିଷୟରେ ମଧ୍ୟ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ରାଜଶ୍ରୀ ପଟ୍ଟନାୟକ, ଜିଲ୍ଲା ଶ୍ରମ ଅଧିକାରୀ ନିରଞ୍ଜନ ନାୟକ, ସହକାରୀ ଶ୍ରମ ଅଧିକାରିଣୀ ପାନାମଣୀ ସୋରେନ, ଓଏନଏମ ସିନଗଲତା ମାଝି ଓ ଅଧିକାର ମିତ୍ର ରବୀନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରମିକଙ୍କୁ ବିଭିନ୍ନ ଅଧିକାର ସମ୍ପର୍କରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଆଇନ ସେବା ପ୍ରାଧିକରଣର କର୍ମଚାରୀ ସହଯୋଗ କରିଥିଲେ।

**ବାଘସାହି ଅଙ୍ଗନବାଡ଼ି କେନ୍ଦ୍ରରେ ହାତୀ ଉପଦ୍ରବ**

# ଭାଙ୍ଗିଲେ ପାଣି ଟାଙ୍କି, କବାଟ, ଝରକା

**ରାସଗୋବିନ୍ଦପୁର, ୩।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ୮୬ଟି ହାତୀ ଡେରା ପକାଇ ରହିଛନ୍ତି। ପୋଡାପୋଡାଠାରେ ୨୦ ଟିକିଆ ହାତୀ ପଲ ଥିବାବେଳେ ନୁଣଚାଟି, ପଦ୍ମଶୋଳ, ବାଘସାହି ଓ ଦରଖୁଲି ଆଦି ସ୍ଥାନରେ ୬୬ଟି ହାତୀ ଥିବା ଜଣାପଡ଼ିଛି। ଶନିବାର ରାତିରେ ବାଘସାହି ଅଙ୍ଗନବାଡି କେନ୍ଦ୍ରରେ ହାତୀ ପଲ ପ୍ରବେଶ କରି ପାଣି ଟାଙ୍କି, କବାଟ, ଝରକା, ଗ୍ରିଲ୍, ଆଲମିରା, ବେସିନ ଆଦି ଭାଙ୍ଗିଛନ୍ତି। ତେବେ ପୂର୍ବରୁ ହାତୀ ପଲ ଉକ୍ତ ଅଙ୍ଗନବାଡି କେନ୍ଦ୍ରକୁ ତିନିଥର ଭାଙ୍ଗିଥିବା କହିଛନ୍ତି ଅଙ୍ଗନବାଡି କର୍ମୀ ଅର୍ଚ୍ଚନା ମୁର୍ମୁ। ସେହିପରିଏ ଅଞ୍ଚଳରେ ବ୍ୟାପକ ଧାନଫସଲ ନଷ୍ଟ ମଧ୍ୟ କରିଛନ୍ତି। ସକାଳ ୬ଟା ସମୟରେ ପୋଡାପୋଡା ମୁଖ୍ୟ ରାସ୍ତାରେ ହାତୀ ପଲ ଦେଖି ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ବର୍ତ୍ତମାନ ୮୬ଟି ହାତୀ ଭାଗ ଭାଗ ହୋଇ ବିଭିନ୍ନ ସ୍ଥାନରେ ଥିବା ଯୋଗୁଁ ବନବିଭାଗ କର୍ମଚାରୀ ଅସୁବିଧାର ସମ୍ମୁଖୀନ ହେଉଥିବା ରେଞ୍ଜର ଘନଶ୍ୟାମ ସିଂ କହିଛନ୍ତି।



# ଜମି ଚିହ୍ନଟ ପ୍ରକ୍ରିୟାକୁ ନେଇ ବରିଷ୍ଠ ନାଗରିକଙ୍କ ଅସନ୍ତୋଷ

**ଉଦଳା, ୩।୫(ସମିସ):** ଜମି ଚିହ୍ନଟ ପ୍ରକ୍ରିୟାକୁ ନେଇ ଆଜି ଉଦଳା ଏନଏସି ୱାର୍ଡ ନମ୍ବର ୧୦ସ୍ଥ ଯୋଗେନ୍ଦ୍ର କର ଉଦଳା ତହସିଲ କାର୍ଯ୍ୟାଳୟରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ଜାନୁୟାରୀ ୨୦ ତାରିଖ ଦିନ ଯୋଗେନ୍ଦ୍ର କରଙ୍କ ବାଡ଼ିରେ ଘେରଉ ହୋଇଥିବା ସିମେଣ୍ଟ ଖୁଣ୍ଟ ଓ ତାର ବାଡ଼କୁ ୨୦ରୁ ଊର୍ଦ୍ଧ୍ୱ ପୁରୁଷ ମହିଳା ଆସି ଭାଙ୍ଗି ଦେଇଥିଲେ। ଶ୍ରୀ କର କୌଣସି ଗଣ୍ଡଗୋଳ ନକରି ୧୧୨ ନମ୍ବରରେ କଲ କରିବା ପରେ ପୁଲିସ ପହଞ୍ଚି ସମାଧାନ ନିମନ୍ତେ ଉଭୟ ପକ୍ଷଙ୍କୁ ଜମିର କାଗଜ ପତ୍ର ଧରି ଥାନାରେ ଉପସ୍ଥିତ ହେବାକୁ ପରାମର୍ଶ ଦେବା ପରେ ସମସ୍ତେ ଚାଲିଯାଇଥିଲେ। ଥାନାରେ ଶ୍ରୀ କରଙ୍କ କାଗଜ ପତ୍ର ଠିକ ଥିବାବେଳେ ପ୍ରତିପକ୍ଷ ଦେଖାଇପାରି ନ ଥିଲେ। ଫଳରେ ଥାନା ପକ୍ଷରୁ ଜମି ଚିହ୍ନଟ କରିବାକୁ ତହସିଲ କାର୍ଯ୍ୟାଳୟରେ ଦେଖା କରିବାକୁ କହିଥିଲେ। ଶ୍ରୀ କର ଉକ୍ତ ପରାମର୍ଶ ଅନୁଯାୟୀ ଜାନୁଆରୀ ୩୦ ତାରିଖରେ ଜନସେବା କେନ୍ଦ୍ରରେ ଚିହ୍ନଟ ପାଇଁ ନିବେଦନ କରିଥିଲେ। ନିବେଦନ କରିବା ପରେ ବାରମ୍ବାର ଦୌଡ଼ି ଦୌଡ଼ି ୪ ମାସ ବିତିଯାଇଥିଲେ ମଧ୍ୟ ତାଙ୍କୁ ନ୍ୟାୟ ମିଳିଲା ନାହିଁ। ତହସିଲଦାରଙ୍କୁ ମଧ୍ୟ ଦେଖା କରି ଗୁହାରି ଜଣାଇଥିଲେ। ଏପରିକି ଘେରଉ ନହେଲେ ତାଙ୍କ ଚାଷ କରିଥିବା ସବୁ ନଷ୍ଟ ହୋଇଯିବ ବୋଲି ମଧ୍ୟ କହିଥିଲେ। କିଛି ଫଳପ୍ରଦ ହୋଇ ନ ଥିବାବେଳେ ଆଜି ମଧ୍ୟ ସେ ପୂର୍ବଭଳି କାର୍ଯ୍ୟାଳୟକୁ ଯାଇଥିଲେ। ତାଙ୍କୁ କାଗଜ ପତ୍ର ଠିକ ନାହିଁ କହି ଆଉ ଗୋଟିଏ ତାରିଖ ଦେଇ ଫେରାଇ ଦେବାକୁ ଚେଷ୍ଟା କରିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଅସନ୍ତୋଷକୁ ନେଇ କାର୍ଯ୍ୟାଳୟ ପକ୍ଷରୁ ଥାନାରେ ପୂରାଇ ଦେବାକୁ ଧମକ ଦେବା ପରେ ଘଟଣା ସ୍ଥଳରେ ଉଦଳା ତହସିଲଦାର ସୁପ୍ରଭା ଦାସ ପହଞ୍ଚି ଘଟଣାର ସମାଧାନ କରାଯିବ ବୋଲି କହିଥିଲେ। ତେବେ ପ୍ରଶ୍ନ ଉଠୁଛି ସରକାର ସବୁ ପ୍ରକାର ସହଯୋଗର ଡେଣ୍ଡୁରା ପିଟୁ ଥିବାବେଳେ ଉଦଳାର ଏପରି ବ୍ୟବସ୍ଥାକୁ ଉଦଳା ଆଇନଜୀବୀ ସଦସ୍ୟ, ବଣିକ ସଙ୍ଘ ସଦସ୍ୟ ଓ ବରିଷ୍ଠ ନାଗରିକ ସଙ୍ଘ ନିନ୍ଦା କରିଛନ୍ତି।



# କଡ଼ଦା ଓ କୁଆମରାରେ ଚନ୍ଦନ ଯାତ୍ରା

**କୁଆମରା, ୩।୫(ସମିସ):** ଗୋପବନ୍ଧୁନଗର ବ୍ଲକ କୁଆମରା ଓ ତଳକଡଦା ଗ୍ରାମରେ ଦୀର୍ଘ ବର୍ଷର ପରମ୍ପରା ଅନୁଯାୟୀ ଚନ୍ଦନ ପୂର୍ଣ୍ଣିମା ଅବସରରେ ତିନିଦିନ ଧରି ଠାକୁରଙ୍କ ଚନ୍ଦନ ଯାତ୍ରା ପାଳିତ ହୋଇଯାଇଛି। ଗ୍ରାମ ମନ୍ଦିରରୁ ଠାକୁର ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲା। ଏହି ସମୟରେ ଭକ୍ତଙ୍କ ଗହଳି ଲାଗି ରହିବା ସହ ଭୋଗଲଗା କାର୍ଯ୍ୟ ଓ ଚନ୍ଦନ ପାଣି ଭକ୍ତଙ୍କ ଉପରେ ସିଞ୍ଚନ କରାଯାଇଥିଲା। ପରମ୍ପରା ଅନୁଯାୟୀ ଠାକୁର ମନ୍ଦିର ପରିସରରେ ଥିବା ପୋଖରୀ ମଧ୍ୟରେ ନାବ ଖେଳିଥିଲେ। ଉଭୟ ଗ୍ରାମର ସଂକୀର୍ତ୍ତନ ଦଳ ଦ୍ୱାରା ଠାକୁର ଗ୍ରାମ ପରିକ୍ରମା କରିଥିଲେ। ପାଗ ଅନୁକୂଳ ଥିବାରୁ ଚନ୍ଦନ ଯାତ୍ରା ଆନନ୍ଦ ଉଲ୍ଲାସ ମଧ୍ୟରେ ଶେଷ ହୋଇଛି। ଏ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯାତ୍ରା ପରିବେଷଣ ହୋଇଥିଲା। ସେହିପରି ଉପରକଡଦାଠାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା।




**ବନ୍ୟା ପାଣିରେ ନଷ୍ଟ ହେଉଛି ଏକର ଏକର ଫସଲ**

# କ୍ରସ୍‌ଡ୍ୟାମ ନିର୍ମାଣ କରାଯିବାକୁ ଦାବି

**ଶୁଳିଆପଦା, ୩।୫(ସମିସ):** ଶୁଳିଆପଦା ଓ ବାରିପଦା ବ୍ଲକ ସୀମାନ୍ତକୁ ଲାଗି କୁଜିଡିହିଠାରେ ରହିଛି ମୁଡୁରୀ ବନ୍ଧ। ତେବେ ବର୍ଷାଦିନେ ପ୍ରବଳ ବର୍ଷା ଯୋଗୁଁ ବନ୍ଧ ଚଟାଣ ଦେଇ ବନ୍ୟା ଜଳ ପ୍ରବାହିତ ହୋଇ ଆଖପାଖ ଅଞ୍ଚଳର ବ୍ୟାପକ ଚାଷଜମି ଜଳମଗ୍ନ ହେବା ସହ ସେହି ଚାଷଜମି ଦେଇ ଜଳସ୍ରୋତରେ ମୃତ୍ତିକା ଅବକ୍ଷୟ ହୋଇ ଖାଲ ସୃଷ୍ଟି ହେଉଛି। ଫଳରେ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ପ୍ରତ୍ୟେକ ବର୍ଷ ଏଭଳି ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ଏକର ଏକର ଚାଷଜମି ନଷ୍ଟ ହୋଇ ଗଭୀର ନାଳ ହେବାକୁ ବସିଲାଣି। ଯଦ୍ୱାରା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବା ସହ ଜମି ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଏହି ବନ୍ୟା ପାଣିରୁ ଚାଷଜମିକୁ ରକ୍ଷା କରିବାକୁ ହେଲେ କ୍ରସ ଡ୍ୟାମ ନିର୍ମାଣ ପାଇଁ ଚାଷୀ ଦାବି କରିଛନ୍ତି। କ୍ରସଡ୍ୟାମ ନିର୍ମାଣ କରାଗଲେ ଶୁଳିଆପଦା ଓ ବାରିପଦା ବ୍ଲକର କୁଜିଡିହି, ମୁଡୁରୀ, ମୁଗରମରା, ଅସନଶୀଳା, ଢେଙ୍କିନେଞ୍ଚିଆ ଆଦି ଗ୍ରାମର ଶତାଧିକ ଚାଷୀ ଉପକୃତ ହୋଇପାରନ୍ତେ।



# କେଶନା ହନୁମାନ ମନ୍ଦିରରେ ଜଳ ସଙ୍କଟ



**ଖିଚିଂ, ୩।୫(ସମିସ):** ପ୍ରସିଦ୍ଧ ଆଧ୍ୟାତ୍ମିକ ପୀଠ ଖିଚିଂଠାରୁ ମାତ୍ର ୩ କିମି ଦୂରରେ ଅବସ୍ଥିତ ଶିଳ୍ପୀ ଗ୍ରାମ କେଶନା। ପ୍ରାୟ ୬ ବର୍ଷ ପୂର୍ବେ ସ୍ଥାନୀୟ ବଜରଙ୍ଗ କମିଟି ଓ ଗ୍ରାମବାସୀଙ୍କ ସହାୟତାରେ ଗ୍ରାମ ଛକର ଅନତି ଦୂରରେ ନିର୍ମିତ ହୋଇଛି ସଙ୍କଟମୋଚନ ହନୁମାନଙ୍କ ମନ୍ଦିର। ପ୍ରତ୍ୟହ ଶ୍ରୀହନୁମାନଙ୍କ ପୂଜାର୍ଚ୍ଚନା ସହିତ ବିଭିନ୍ନ ସମୟରେ ହେଉଥିବା ପାର୍ବଣ ଓ ମହୋତ୍ସବ ପାଳିତ ହୋଇଆସୁଛି। ପରିତାପର ବିଷୟ ମନ୍ଦିର ନିକଟରେ କୌଣସି ଜଳାଶୟ କିମ୍ବା ନଳକୂପ ନ ଥିବାରୁ ପୂଜକ ଓ ଶ୍ରଦ୍ଧାଳୁମାନେ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବିଗ୍ରହଙ୍କୁ ସ୍ନାନ କରାଇବା ପାଇଁ ପୂଜକ ଦୂରରୁ ସାଇକଲରେ ପାଣି ବୋହି ଆଣୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ପଞ୍ଚାୟତ ଓ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ମନ୍ଦିର ପରିସରରେ ଗୋଟିଏ ନଳକୂପ ସ୍ଥାପନ ପାଇଁ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଉଦଳା ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ଶ୍ରମିକ ଦିବସ

**ଉଦଳା, ୩।୫(ସମିସ):** ଉଦଳା ତାଲୁକ ଆଇନ୍ ସହାୟତା କମିଟି ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ କମିଟି ଚେୟାରମ୍ୟାନ୍ ତଥା ଅତିରିକ୍ତ ଦୌରାଜଜ୍ ପ୍ରଦୀପ କୁମାର ବେହେରା ସଭାପତିତ୍ୱ କରିଥିବାବେଳେ ଏସଡିଜେଏମ୍ ଅନୁରାଗ ଦେହୁରୀ, ଓକିଲ ସଂଘର ସଭାପତି ଲମ୍ବୋଦର ବେହେରା, ଉପଖଣ୍ଡ ଓକିଲ ସଂଘର ସଭାପତି ପଦ୍ମଲୋଚନ ଦାଶ, ଶ୍ରମ ଅଧିକାରିଣୀ କୁମୁଦିନୀ ହେମ୍ବ୍ରମ୍, ଉଦଳା ଓକିଲ ସଂଘ ସମ୍ପାଦକ ବସନ୍ତ କୁମାର ପରିଡ଼ା ମଞ୍ଚାସୀନ ଥାଇ ବିଶ୍ୱ ଶ୍ରମିକ ଦିବସ ପାଳନର ତାତ୍ପର୍ଯ୍ୟ, ଶ୍ରମ ଆଇନ୍, ଶ୍ରମିକମାନଙ୍କର ଅଧିକାର ଏବଂ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବି ମକରନ୍ଦ ପଲେଇ, ନିରାକାର ମହାପାତ୍ର, ହରିପ୍ରିୟା ହାଁସଦା ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଲିଗାଲଏଡ ରିଟେନର କମଳାକାନ୍ତ ମହାନ୍ତି ସଂଯୋଜନା କରିଥିବା ବେଳେ ଉପଖଣ୍ଡ ଓକିଲ ସଂଘର ସମ୍ପାଦକ ରଜତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରମିକମାନଙ୍କର ଏହି ସଚେତନତା କାର୍ଯ୍ୟକ୍ରମରେ ଆଇନ୍ ସେବା ବିଭାଗର ସନତ୍ କୁମାର ସେଠୀ ଏବଂ ବିଚାର ବିଭାଗୀୟ କର୍ମଚାରୀ ସହଯୋଗ କରିବା ସହିତ ବହୁ ମହିଳା ଶ୍ରମିକ ଏବଂ ଶ୍ରମିକମାନେ ଯୋଗ ଦେଇଥିଲେ।

**ଅନ୍ୟ ରାଜ୍ୟରେ ଶାଳମଞ୍ଜିର ରହିଛି ଚାହିଦା**

# ମିଳୁନି ସଠିକ୍ ମୂଲ୍ୟ, ମାଲେମାଲ ହେଉଛନ୍ତି ଦଲାଲ

**ମୋରଡା, ୩।୫(ସମିସ)**

ଆଦିବାସୀ ଜନଜାତି ଅଧ୍ୟୁଷିତ ମୋରଡା ବ୍ଲକରେ ଏବେ ଜଙ୍ଗଲଜାତ ଦ୍ରବ୍ୟ ଶାଳମଞ୍ଜିର ଅଭାବୀ ବିକ୍ରି ଗରିବ ଲୋକଙ୍କୁ କଷ୍ଟରେ ପକାଇଛି। ଅଞ୍ଚଳରେ ଏକାଧିକ ଜଙ୍ଗଲଜାତ ଦ୍ରବ୍ୟ ଲୋକେ ସଂଗ୍ରହ କରୁଥିଲେ ସୁଦ୍ଧା ବଜାରରେ ଉଚିତ ଦର ମିଳୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟ ରାଜ୍ୟରେ ଶାଳମଞ୍ଜିର ଚାହିଦା ରହିଥିବାବେଳେ ଆଦିବାସୀଙ୍କୁ ଉଚିତ ମୂଲ୍ୟ ମିଳୁନି। ଦଲାଲ କମ୍ ଦାମ୍‌ରେ ମଞ୍ଜି ସଂଗ୍ରହ କରି ମାଲେମାଲ ହେଉଛନ୍ତି। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ଦାବି ହେଉଛି।

ଶାଳ ଗଛରୁ କାଳବୈଶାଖୀ ହେଉ କି ସାଧାରଣ ପବନରେ ଶାଳମଞ୍ଜି ଆପେ ଆପେ ତଳେ ପଡ଼ିଥାଏ। ଏବେ ବଣ ଜଙ୍ଗଲ ରାସ୍ତାରେ ଶାଳମଞ୍ଜି ଚାଦର ଘୋଡାଇଲା ଭଳି ପଡ଼ିରହିଛି। ଶାଳମଞ୍ଜିକୁ ଜନଜାତି ଓ ଅନ୍ୟ ବର୍ଗର ଲୋକେ ସଂଗ୍ରହ କରି ପୋଡିବା, ଶୁଖାଇବା, ଚୋପା ଛଡାଇବା ସହ ଡାଲି ପ୍ରସ୍ତୁତ କରି ବିକ୍ରି କରିଥା'ନ୍ତି। ଏତିକି କାର୍ଯ୍ୟ କରିବାକୁ ଗୋଟିଏ ପରିବାରକୁ ୧୦ରୁ ୧୫ ଦିନ ସମୟ ଲାଗିଥାଏ। ଏହାର ବଜାର ମୂଲ୍ୟ ଧାର୍ଯ୍ୟ କରାଯାଇଥିଲେ ସୁଦ୍ଧା ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତରେ କିଣା ବିକା କରାଯାଉ ନ ଥିବାରୁ ଏହାକୁ ସଂଗ୍ରହ କରୁଥିବା ପରିବାର ଅତି ଶସ୍ତା ଦରରେ ଦଲାଲଙ୍କୁ ବିକ୍ରି କରୁଛନ୍ତି। ବରକନ୍ଦ ପଞ୍ଚାୟତ ଟିଆଁସି ଗ୍ରାମର ଭେଣ୍ଡୁ ମଲିକଙ୍କ କହିବା ମୁତାବକ ସେମାନେ ଶାଳମଞ୍ଜି ସଂଗ୍ରହ କରୁଥିବାବେଳେ କିଲୋ ପିଛା ମାତ୍ର ୧୦ରୁ ୧୫ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଛନ୍ତି। ଫଳରେ ପରିବାରର ଛୋଟ, ବଡ଼ ସମସ୍ତ ପରିବାର ଏଥିପାଇଁ ପରିଶ୍ରମ କରି ଦିନକୁ ୧ ଶହରୁ ୨ଶହ ରୋଜଗାର କରନ୍ତି। ତେଣୁ ରାଜ୍ୟ ସରକାର ଏହାର ସର୍ବନିମ୍ନ ମୂଲ୍ୟ କିଲୋ ପିଛା ୩୦ ଟଙ୍କାରୁ ଊର୍ଦ୍ଧ୍ୱ ଦର କରିବାକୁ ଦାବି କରିଛନ୍ତି। ତେବେ ଶାଳମଞ୍ଜିରୁ ତେଲ ବାହାର କରାଯିବା ସହ ସାବୁନ ଆଦି ପ୍ରସ୍ତୁତ କରାଯାଇଥାଏ। ଦଲାଲ ଏଠାରୁ କଞ୍ଚାମାଲ ନେଇ ଅନ୍ୟ ରାଜ୍ୟରେ ତେଲ, ସାବୁନ କମ୍ପାନୀକୁ ବିକ୍ରି କରୁଛନ୍ତି। ତେଣୁ ତାହାର ଉଚିତ ମୂଲ୍ୟ ସେମାନଙ୍କୁ ମିଳୁ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।



# ଭଞ୍ଜସେନା ପକ୍ଷରୁ ଉପଖଣ୍ଡ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ଉଦଳା, ୩।୫(ସମିସ): ଭଞ୍ଜସେନା ପକ୍ଷରୁ ଚଳିତବର୍ଷ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡରେ ସର୍ବୋଚ୍ଚ ନମ୍ବର ରଖିଥିବା ସ୍ୱସ୍ତିକ ଯଜ୍ଞନ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତ ବର୍ଷ ସିବିଏସ୍‌ଇ ଦଶମ ପରୀକ୍ଷାରେ ସେଣ୍ଟ ଯୋଶେଫ୍ କନଭେଣ୍ଟ ସ୍କୁଲ ଉଦଳାରେ ଅଧ୍ୟୟନ କରିଥିବା ସ୍ୱସ୍ତିକ ଯଜ୍ଞନ ପରିଡ଼ା ଉଦଳା ସେଣ୍ଟ ଯୋଶେଫ୍ କନଭେଣ୍ଟ ସ୍କୁଲକୁ ଗୌରବାନ୍ୱିତ କରିବା ସହିତ ଉପଖଣ୍ଡର ନାମ ରଖିଛନ୍ତି। ସ୍ୱସ୍ତିକ ଯଜ୍ଞନ ପରିଡ଼ା ୯୮.୦୮ ପ୍ରତିଶତ ନମ୍ବର ରଖିଥିବାବେଳେ ଓଡ଼ିଆରେ ୧୦୦ରୁ ୧୦୦ ନମ୍ବର ରଖିଥିଲେ। ଆଜି ଭାଞ୍ଜସେନା ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛଇ। ଭଞ୍ଜସେନା ପକ୍ଷରୁ ରାକେଶ ପଣ୍ଡା, ରବିନ ମହାନ୍ତି, ଜିତେନ୍ଦ୍ର ହେମ୍ବ୍ରମ, ଗଜେନ୍ଦ୍ର ମହାନ୍ତି, ଭଜଗୋବିନ୍ଦ ପଢ଼ିଆର, ରାଖାଲ ବାବୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ପୁରୁଲିଆରେ ଗୁରୁ ଗୋମ୍‌କେଙ୍କ ଜୟନ୍ତୀ ଉତ୍ସବ

# ନରେନ ହାଁସଦାଙ୍କୁ ପଣ୍ଡିତ ରଘୁନାଥ ମୁର୍ମୁ ସମ୍ମାନ

ରାଇରଙ୍ଗପୁର,୩।୫(ସମିସ):



ଅଲଚିକି ଲିପିର ସ୍ରଷ୍ଟା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜୟନ୍ତୀ ଉତ୍ସବ ପଶ୍ଚିମବଙ୍ଗର ପୁରୁଲିଆରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ନରେନ ହାଁସଦାଙ୍କୁ ଦ୍ୱିତୀୟ ପଣ୍ଡିତ ରଘୁନାଥ ମୁର୍ମୁ ଆନ୍ତର୍ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ରାଇରଙ୍ଗପୁରର ଦାଣ୍ଡବୋଷସ୍ଥ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥିମାନେ ତାଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ପଣ୍ଡିତ ରଘୁନାଥ ମୁର୍ମୁ ଆନ୍ତର୍ଜାତୀୟ ପୁରସ୍କାର ପ୍ରଦାନ କରିଛନ୍ତି। ମାନପତ୍ର ସମେତ ୧ଲକ୍ଷ ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଛି। ଏ ଅବସରରେ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ଅଧ୍ୟକ୍ଷ ଚୁନିୟାନ ରଘୁ ମୁର୍ମୁ, କୋଷାଧ୍ୟକ୍ଷ ଆନ୍ତ ଆଲୋକ ବାସ୍କେ, କାର୍ଯ୍ୟାଳୟ ସମ୍ପାଦିକା ସଲମା ମୁର୍ମୁ ସମେତ ଅନ୍ୟାନ୍ୟ ପ୍ରମୁଖ ଅତିଥି ଉପସ୍ଥିତ ଥିଲେ। ନରେନ ହାଁସଦା ସିଦୋ କାହ୍ନୁ ମିଶନର ପ୍ରତିଷ୍ଠାତା ଅଟନ୍ତି। ଉକ୍ତ ପୁରସ୍କାର ୨୦୨୫ରେ ଅଲଚିକି ଲିପିର ଶତବାର୍ଷିକୀ ପାଳନ ଅବସରରେ ଆରମ୍ଭ କରାଯାଇଥିଲା। ଏହି ପୁରସ୍କାର ଅଲଚିକି ଲିପି, ସାନ୍ତାଳୀ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ଉତ୍ସର୍ଗୀକୃତ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଥାଏ। ୨୦୨୫ରେ ପ୍ରଥମ ପୁରସ୍କାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଚୁଣ୍ଡା ସୋରେନ ସିପାହୀଙ୍କୁ ପ୍ରଦାନ କରାଯାଇଥିଲା। ଏହା ଅଲଚିକି ଲିପିର ପ୍ରଚାର, ସାନ୍ତାଳୀ ଭାଷା ଓ ସାହିତ୍ୟର ସମୃଦ୍ଧିକରଣରେ ଅସାଧାରଣ ଅବଦାନ ରଖିଥିବା ବ୍ୟକ୍ତିଙ୍କୁ ପ୍ରଦାନ କରାଯାଏ। ଚଳିତ ବର୍ଷ ପାଇଁ ନରେନ ହାଁସଦାଙ୍କୁ ପ୍ରଦାନ କରାଯାଇଛି। ତାଙ୍କ ଜୀବନ ଯାତ୍ରା ଅପାର ତ୍ୟାଗ ଓ ନିଷ୍ଠାର କାହାଣୀ ରହିଛି। ଯୌବନ କାଳରୁ ଗ୍ରାମ ଗ୍ରାମ ବୁଲି ସାନ୍ତାଳୀ ପରମ୍ପରାକୁ ଗୀତ ମାଧ୍ୟମରେ ଜୀବନ୍ତ ରଖିବା ସହିତ ସେ ଭାଲିଡୁଙ୍ଗ୍ରିରେ ଏକ ସାଧାରଣ ମାଟି ଘରରୁ ମିଶନ ଆରମ୍ଭ କରିଥିଲେ। ଆଜି ତାଙ୍କ ନେତୃତ୍ୱରେ ଚାରୋଟି ଶିକ୍ଷାକେନ୍ଦ୍ର ଚାଲୁଛି, ଯେଉଁଠାରେ ଓଲ୍ ଚିକି ଏବଂ ସାଂସ୍କୃତିକ ଶିକ୍ଷା ପାଇ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି। ସର୍ବଶ୍ରେଷ୍ଠ କଥା ହେଉଛି, ସେ ୪୮ ଜଣ ଅନାଥ ପିଲାଙ୍କର ପୂର୍ଣ୍ଣ ଅଭିଭାବକତ୍ୱ ନେଇଛନ୍ତି ଏବଂ ସେମାନଙ୍କୁ ସୁଦୃଢ଼ ପରିଚୟ ଓ ଐତିହ୍ୟ ସହିତ ଗଢ଼ି ତୋଳୁଛନ୍ତି। ଚଳିତ ବର୍ଷ ଗୁରୁ ଗୋମକେଙ୍କ ୧୨୧ତମ ଜନ୍ମ ଜୟନ୍ତୀ ବୈଶାଖ ପୂର୍ଣ୍ଣିମା ଅବସରରେ ପଶ୍ଚିମବଙ୍ଗ ପୁରୁଲିଆ ସ୍ଥିତ ସିଦୋ କାହ୍ନୁ ମିଶନ ପରିସରରେ ବର୍ଣ୍ଣାଢ୍ୟ ଉତ୍ସବ ପାଳନ ମଧ୍ୟରେ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା ଜଣାଇଥିଲେ। ନରେନ୍ ହାନ୍ସଦାଙ୍କୁ ତାଙ୍କ ସେବାରତ ଯୁବପିଢ଼ୀଙ୍କ ସମ୍ମୁଖରେ ସମ୍ମାନିତ କରି ଗୁରୁ ଗୋମକେଙ୍କ ଉତ୍ତରାଧିକାରକୁ ସମାଜର ହୃଦୟରେ ଜୀବନ୍ତ ରଖିବାକୁ ପ୍ରଚେଷ୍ଟା କରାଯାଇଛି।

## କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

ମହୁଲଡିହା,୩।୫(ସମିସ): ମହୁଲଡିହା ଥାନା ଅଧୀନ ଧାତିକିଡିହା ପଞ୍ଚାୟତ ଅନ୍ତର୍ଗତ କାଞ୍ଜିଆପାଳ ଗ୍ରାମ (ଚିଲିରିପୋଷି ସାହି) ର ଜଣେ +୩ କଲେଜ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଉଛନ୍ତି ହରିନାଥ ପଡିଆରୀଙ୍କ ସାନଝିଅ ବବିତା ପଡିଆରୀ। ୩ ତାରିଖ ସକାଳେ ଶୌଚ ହେବା ପାଇଁ ଘରୁ ଏକୁଟିଆ ଗାଁ ମୁଣ୍ଡରେ ଥିବା ପୋଖରୀକୁ ଯାଇଥିଲେ ବବିତା। ଝିଅ ଘରକୁ ଫେରିବାରେ ବିଳମ୍ବ ହେବାରୁ ବାପାମାଆ ଉଭୟେ ଖୋଜିବାକୁ ଯାଇ ପୋଖରୀର ଗାଧୁଆ ଘାଟରେ କେବଳ ଡ୍ରେସ୍ ଓ ସାବୁନ୍ ତେଲ ପାଇଥିଲେ। ଝିଅକୁ ନ ପାଇ ଖୋଜାଖୋଜି କରି ନିକଟସ୍ଥ ବଡ଼ ନାଳରେ ଥିବା ଏକ ଡିମିରି ଗଛରେ ଓଢ଼ଣୀରେ ଫାଶଦେଇ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ବବିତା ଜୀବିତ ଥିବା ଅନୁମାନ କରି ସ୍ୱାମୀସ୍ତ୍ରୀ ଗଛରୁ ଓହ୍ଲାଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ବାପା ହରିନାଥ ଥାନାରେ ଅଭିଯୋଗ ପରେ ଆଇଆଇସି ତୁଷାର ନାୟକ ଅପମୃତ୍ୟୁ ମାମଲା ରୁଜୁ କରି ଏଏସଆଇ ବିଜୟକୃଷ୍ଣ ସାନ୍ତରାଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକୃତରେ ଏହା ଆତ୍ମହତ୍ୟା ନା ହତ୍ୟା ତଦନ୍ତ ପରେ ଜଣାପଡ଼ିବ ବୋଲି ପୁଲିସ କହିଛି।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଶିକ୍ଷକ ଗିରଫ

ବେତନଟୀ, ୩।୫(ସମିସ): ପରୀକ୍ଷାରେ ଫେଲ କରାଇବାର ଧମକ ଦେଇ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବେତନଟୀ ଥାନା ଅନ୍ତର୍ଗତ ବଡ଼ଜାମବଣି ଫାଣ୍ଡି ଅନ୍ତର୍ଗତ ଦାନ୍ତିଆମୁହାଁ ପଞ୍ଚାୟତ ଅଞ୍ଚଳର ଜଣେ ଶିକ୍ଷକଙ୍କୁ ଗିରଫ କରାଯାଇଛି। ଶିକ୍ଷକ ଛାତ୍ରୀଙ୍କୁ ପରୀକ୍ଷାରେ ଫେଲ କରାଇବାର ଧମକ ଦେଇ ବ୍ଲାକମେଲ କରିବାର ଉଦ୍ୟମ କରିଥିଲେ। ଗତ ଏପ୍ରିଲ ୨୫ ତାରିଖ ପୂର୍ବାହ୍ନ ପ୍ରାୟ ୯ଟା ସମୟରେ ଛାତ୍ରୀ ଜଣକ ଡାକ୍ତରଖାନାରୁ ଘରକୁ ଫେରୁଥିବା ସମୟରେ ଏହି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଛାତ୍ରୀଙ୍କ ପରିବାର ପକ୍ଷରୁ ବେତନଟୀ ଥାନାରେ ଲିଖିତ ଅଭିଯୋଗ ଦାଖଲ ହେବା ପରେ ପୁଲିସ ତୁରନ୍ତ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ବେତନଟୀ ଥାନା କେଶ ନମ୍ବର ୧୯୦ରେ ଏହି ମାମଲା ରୁଜୁ ହୋଇଛି। ଛାତ୍ରୀଙ୍କ ବୟାନ ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ ମାମଲାର ତଦନ୍ତ କରାଯାଉଛି। ଏଭଳି ଘଟଣା ଶିକ୍ଷକ ଛାତ୍ରୀ ସମ୍ପର୍କର ପବିତ୍ରତାକୁ ନଷ୍ଟ କରୁଥିବାରୁ ସ୍ଥାନୀୟ ସ୍ତରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଦୁର୍ଘଟଣାରେ ଆହତ କଂଗ୍ରେସ ନେତାଙ୍କ ମୃତ୍ୟୁ

କପ୍ତିପଦା ୩।୫(ସମିସ): ଦୁଇଦିନ ପୂର୍ବେ ଦୁର୍ଘଟଣାରେ ଆହତ ହୋଇଥିବା କଂଗ୍ରେସ ନେତା ଭକ୍ତହରି ପାଣ୍ଡିଆ (୪୧)ଙ୍କ ମୃତ୍ୟୁ ଘଟିଛି। ଏ ନେଇ ସାରା ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଯୁବ ନେତା ଭକ୍ତ ହରି ପାଣ୍ଡିଆ ଦୁଇଦିନ ପୂର୍ବେ ଜଣେ ସାଙ୍ଗ ଓ ତାଙ୍କ ପରିବାର ସହିତ କାର୍ ଯୋଗେ କଟକ ମେଡିକାଲରୁ ଫେରୁଥିବାବେଳେ ଖନ୍ତାପଡା ପେଟ୍ରୋଲ ପମ୍ପ ନିକଟରେ ଟ୍ରକ ସହିତ ଧକ୍କା ହୋଇଥିଲା। ଫଳରେ ଗାଡ଼ିଟି ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହ ନିଆଁ ଲାଗିଯାଇଥିଲା। କେତେକ ଟ୍ରକ ଡ୍ରାଇଭର ତାଙ୍କୁ ଉଦ୍ଧାର କରି ପ୍ରଥମେ ଫକୀରମୋହନ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ସୁଡସଡିଆ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଲୋକନାଥ ପାଣ୍ଡିଆଙ୍କ ପୌତ୍ର ଓ ପୂର୍ଣ୍ଣଚନ୍ଦ୍ର ପାଣ୍ଡିଆଙ୍କ ସେ ଏକମାତ୍ର ପୁଅ। ଦୀର୍ଘଦିନ ଧରି ସେ ଜାତୀୟ କଂଗ୍ରେସର ଜଣେ ସକ୍ରିୟ କର୍ମୀ ଭାବେ ବେଶ୍ ଜଣାଶୁଣା ଥିଲେ। ଏହି ଯୁବ ନେତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମବାସୀ, ସମସ୍ତ ଦଳର ନେତା ଓ କର୍ମୀ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥଲେ।

## ମୟୂରଭଞ୍ଜ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନର ରକ୍ତଦାନ ଶିବିର



ବାରିପଦା, ୩।୫(ସମିସ): ବାରୁଣୀ ରୋଡ୍‌ସ୍ଥ ମୟୂରଭଞ୍ଜ କେମିଷ୍ଟ ଭବନ ପରିସରରେ ମୟୂରଭଞ୍ଜ କେମିଷ୍ଟ ଓ ଡ୍ରାଗିଷ୍ଟ ଆସୋସିଏସନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଡ୍ରାଗିଷ୍ଟ ପରିବାରର ଦିବଂଗତ ଚୌଧୁରୀ ପ୍ରବୀର ଦାସଙ୍କ ସ୍ମୃତିରେ ତଥା ୧୦ମ ଶ୍ରାଦ୍ଧ ଦିବସ ଅବସରରେ ଆୟୋଜିତ ଏହି ଶିବିରରେ ୨ ଜଣ ମହିଳାଙ୍କ ସମେତ ୧୭୫ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ଡ୍ରଗ୍ସ ଇନ୍ସପେକ୍ଟର ଦିବ୍ୟରଞ୍ଜନ ନାଏକ ଏହି ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ସରୋଜ ସାହୁ, ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ, ସିଦ୍ଧାର୍ଥ ମହାନ୍ତି, ଦୁର୍ଗାପ୍ରସାଦ ମିଶ୍ର, ରେଡକ୍ରସର ଆଜୀବନ ସଦସ୍ୟ ଅମର ସେଠୀ ଓ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନର ସଭାପତି ବିକାଶ ମହାନ୍ତ, ସମ୍ପାଦକ ମାନସ ମହାନ୍ତି, ଅମୀୟ ମହାପାତ୍ର, କୋଷାଧ୍ୟକ୍ଷ ନରେଶ ଅଗ୍ରୱାଲ, ସଦସ୍ୟ ଡଃ ନାରାୟଣ ବେହେରା, ତପନ ବସା, ନୟନ ଦାସ, ବିବେକାନନ୍ଦ ଶେଜପଡା, ଭବାନୀଶଙ୍କର ରାଉତ, ସୁନିତ ସାକୁନିଆ, ସୁଶାନ୍ତ ପୃଷ୍ଟି, ଆଶିଷ ସାକୁନିଆ ପ୍ରମୁଖ ଶିବିର ଆୟୋଜନ କରିବା ସହ ବହୁ ସଦସ୍ୟ ମଧ୍ୟ ରକ୍ତଦାନ କରିଥିଲେ। ବାରିପଦା ରକ୍ତ କେନ୍ଦ୍ରର ମେଡିକାଲ ଅଫିସର ଡଃ ନୀଲେଶ ଦାସଙ୍କ ନେତୃତ୍ୱରେ ଛବି ମହାନ୍ତ, ବବିତା ପଟ୍ଟାୟତ, ସତ୍ୟଜିତ ମହାନ୍ତ, ନିତିଶ ସାମଲ, ବିଜୟ ବାନ୍ଦ୍ରା, ପାର୍ଥସାରଥୀ ମହାନ୍ତ, ଶକୁନ୍ତଳା ମହାନ୍ତ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ତତସହିତ ଆସୋସିଏସନର ରାଇରଙ୍ଗପୁର ଶାଖା ପକ୍ଷରୁ ୪୨ ୟୁନିଟ ଓ ଉଦଳା ଓ କରଞ୍ଜିଆ ଶାଖା ପକ୍ଷରୁ ୧୫ ୟୁନିଟ ରକ୍ତ ସଂଗୃହୀତ ହୋଇଛି।

## ବିଶ୍ୱନାଥ ବିଶ୍ୱାଳ ବଡ଼ସାହିର ନୂତନ ତହସିଲଦାର



ବାରିପଦା/ବଡ଼ସାହି, ୩।୫(ସମିସ): ବରିଷ୍ଠ ଓଡ଼ିଶା ପ୍ରଶାସନିକ ଅଧିକାରୀ ବିଶ୍ୱନାଥ ବିଶ୍ୱାଳଙ୍କୁ ବଡ଼ସାହି ବ୍ଲକର ନୂତନ ତହସିଲଦାର ଭାବେ ନିଯୁକ୍ତ କରାଯାଇଛି। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଓଏଏସ ସ୍ତରରେ ଅଦଳ ବଦଳ କରାଯାଇଛି। ଯେଉଁଥିରେ କି ଶ୍ରୀ ବିଶ୍ୱାଳଙ୍କୁ ନୂତନ ନିଯୁକ୍ତି ପ୍ରଦାନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଭାବେ ଶ୍ରୀ ବିଶ୍ୱାଳ କାର୍ଯ୍ୟରତ ଥିବା ବେଳେ ତାଙ୍କର ବଦଳି କରାଯାଇଛି। ଏହା ପୂର୍ବରୁ ସେ ରାଇରଙ୍ଗପୁର ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ରାଇରଙ୍ଗପୁରରେ ଜଣେ ଦକ୍ଷ ତହସିଲଦାର ଭାବେ କାର୍ଯ୍ୟ କରି ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ତାଙ୍କର ସକ୍ରିୟ ଯୋଗଦାନ ରହିଥିଲା। ତାଙ୍କୁ ନୂତନ ନିଯୁକ୍ତି ମିଳିଥିବା ବେଳେ ବଡ଼ସାହି ବ୍ଲକ ଉନ୍ନତି ପାଇଁ ସଦା ଯତ୍ନଶୀଳ ରହିବେ ବୋଲି କହିଛନ୍ତି। ଏଥିପାଇଁ ସେ ବଡ଼ସାହି ବାସିନ୍ଦାଙ୍କ ସହଯୋଗ କାମନା କରିଛନ୍ତି।

## ନାଜିରୁଲ ହକ୍ ଯୁବ କଂଗ୍ରେସ ଜିଲ୍ଲା କାର୍ଯ୍ୟକାରୀ ସଭାପତି



ବାରିପଦା, ୩।୫(ସମିସ): ଯୁବ କଂଗ୍ରେସ ମୟୂରଭଞ୍ଜ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ଭାବେ ଏମଡି ନାଜିରୁଲ ହକ ମନୋନୀତ ହୋଇଛନ୍ତି। ଏ ନେଇ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ଜଣେ ଦୃଢ଼ ଯୁବ ସଂଗଠକ ଭାବେ ପରିଚିତ ଅଟନ୍ତି। ନାଜିର କଂଗ୍ରେସ ସହ ଜଡିତ ହୋଇ ରହିଛନ୍ତି। ଯାହାକୁ ନେଇ କଂଗ୍ରେସ ପକ୍ଷରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ନୂତନ ଦାୟିତ୍ୱ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ, ରାଜ୍ୟ ସଭାପତି ଭକ୍ତଚରଣ ଦାସ, ଯୁବ କଂଗ୍ରେସର ରାଜ୍ୟ ସଭାପତି ରଞ୍ଜିତ ପାତ୍ର, ପର୍ଯ୍ୟବେକ୍ଷକ ମହେଶ ଦେଶମୁଖ, ସହ ପର୍ଯ୍ୟବେକ୍ଷକ ରିୟାନା ରାଜୁ ସମେତ ଜିଲ୍ଲା ନେତୃବର୍ଗଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଜିଲ୍ଲାର ସ୍ୱାର୍ଥ ହାସଲ ପାଇଁ ଲଢେଇ ଜାରି ରଖିବେ ବୋଲି ନାଜିର କହିଛନ୍ତି।

## ସାରସକଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ସାରସକଣା, ୩।୫(ସମିସ): ସାରସକଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ଉପାଧ୍ୟକ୍ଷ ସୁରଥ କୁମାର ସାହୁଙ୍କ ପୌରୋହିତ୍ୟ କରି ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଗୁରୁଜୀ ସୋମନାଥ ସୋରେନଙ୍କ ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାରସକଣା ବିଧାୟକ ଭାଦବ ହାଁସଦା, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା ବୁଦ୍ଧାନ ମୁର୍ମୁ, ତହସିଲଦାର ମନୋଜ କୁମାର କାର୍ଜୀ, ଶ୍ରୀଜଗନ୍ନାଥ ସାହୁ ପୂର୍ବତନ ସମ୍ପାଦକ ଓ ପଦ୍ମନାଭ ସାହୁ ପୂର୍ବତନ ପରିଚାଳନା ସମିତି ସଭାପତି ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଭାରତୀ ମାର୍ଗଦର୍ଶନରେ ଦେଶର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ ଗୁରୁମା ପୁସ୍ତକଗତ ବିଦ୍ୟାଦାନ ସହିତ ଭବିଷ୍ୟତ ପିଢିଙ୍କ ମନକୁ ଯେଭଳି ପରମ୍ପରା ଓ ସଂସ୍କୃତିର ସୁରକ୍ଷା, ନୈତିକତା ବୃଦ୍ଧି, ଭାରତୀୟତା ଭାବନାର ଉଦ୍ରେକ ପାଇଁ ଯେଭଳି ଉଦ୍ୟମ କରୁଥିବା ଅତିଥିମାନେ ପ୍ରକାଶ କରିଛନ୍ତି। ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମାହାଳିକ ସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସମ୍ପାଦକ ରବୀନ୍ଦ୍ର ନାଥ ଭୋଳ ବିଦ୍ୟାମନ୍ଦିରର ପରିଚାଳନା ସମ୍ବନ୍ଧରେ ସଂକ୍ଷେପ ବକ୍ତବ୍ୟ ରଖିଥିଲେ। ଏ ଅବସରରେ ଶିକ୍ଷାନୁଷ୍ଠାନର ବାର୍ଷିକ ମୁଖପତ୍ର "ସାରସ" ଉନ୍ମୋଚନ ହୋଇଥିବାବେଳେ ବିଦ୍ୟାମନ୍ଦିରର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମହୁଲଡିହା ପୁଲିସର ବୈଠକ



ମହୁଲଡିହା,୩।୫(ସମିସ): ମହୁଲଡିହା ଥାନାରେ ଆମ ପୁଲିସ ସମିତିର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଥାନା ଆଇଆଇସି ତୁଷାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅପରାଧ ନିୟନ୍ତ୍ରଣ, ମଦ ଓ ନିଶା ବାବଦରେ ସଚେତନ, ସାଇବର ଅପରାଧ ଠକେଇ ଓ ନିରାକରଣ, ସମ୍ବିଧାନର ନୂତନ ନିୟମ ବାବଦରେ ସଚେତନ ହେବାକୁ ପରାମର୍ଶ ଦେବା ସହ ସମସ୍ୟାରେ ପଡିଲେ ପୁଲିସ ହେଲ୍ପଲାଇନ ୧୧୨ ନମ୍ବରର ସହଯୋଗ ନେବାକୁ କହିଥିଲେ। ଏହି ବୈଠକରେ ମହୁଲଡିହା ସରପଞ୍ଚ ଚମ୍ପାବତୀ ଟୁଡୁ, ଧତିକିଡିହା ସରପଞ୍ଚ କରୁଣାକର ନାୟକ, କେଶଡିହା ସରପଞ୍ଚ ରଘୁନାଥ ନାୟକ, ଚମ୍ପାଝର ସରପଞ୍ଚ ବିକ୍ରମ ପିଙ୍ଗୁଆ ଓ ସ୍ଥାନୀୟ ଜନସାଧାରଣଙ୍କ ସମେତ ଥାନା କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତଙ୍କୁ ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ କହିବାକୁ ସୁଯୋଗ ଦିଆଯାଇଥିଲା। ମହୁଲଡିହା ଥାନା ଅଧିନ ପ୍ରତି ପଞ୍ଚାୟତରେ ବିଭିନ୍ନ ସଚେତନତାକେ ବାର୍ତ୍ତା ପହଞ୍ଚାଇବା ପାଇଁ ମାସରେ ଥରେ ପ୍ରତି ପଞ୍ଚାୟତ କାର୍ଯ୍ୟାଳୟରେ ପୁଲିସ ସମିତି ବୈଠକର ଯୋଜନା ହୋଇଥିଲା। ଶେଷରେ ଏଏସ ଆଇ ସନ୍ତୋଷ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

● ପଞ୍ଚମ ଜୁନିୟର ବାଳକ ହକି ପ୍ରତିଯୋଗିତା

## ମୟୂରଭଞ୍ଜ ଦଳ ଦ୍ୱିତୀୟ ରାଉଣ୍ଡକୁ ଉନ୍ନିତ



ବାରିପଦା,୩।୫(ସମିସ): ରାଉରକେଲାସ୍ଥ ବିର୍ସା ମୁଣ୍ଡା ଷ୍ଟାଡିୟମରେ ହକି ଆସୋସିଏସନ ଓଡ଼ିଶା ପଧରୁ ଆୟୋଜିତ ପଞ୍ଚମ ଜୁନିୟର ବାଳକ ହକି ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲା ଦଳ ଶ୍ରେଷ୍ଠ ପ୍ରଦର୍ଶନ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛି। ମୋରଡା ବ୍ଲକ ଅଧୀନସ୍ଥ ଚଢେଇଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ହକି ଗ୍ରାସରୁଟ୍ସ ସେଣ୍ଟର ମୟୂରଭଞ୍ଜର ପ୍ରତିନିଧିତ୍ୱ କରି ଏହି ସଫଳତା ହାସଲ କରିଛି। ଉକ୍ତ ପ୍ରତିଯୋଗିତାର ଏକ ରୋମାଞ୍ଚକର ମ୍ୟାଚରେ ମୟୂରଭଞ୍ଜ ଦଳ ଝାରସୁଗୁଡା ଜିଲ୍ଲାକୁ ୩-୦ ଗୋଲରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ମ୍ୟାଚ ଆରମ୍ଭରୁ ମୟୂରଭଞ୍ଜ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ପ୍ରଥମାର୍ଦ୍ଧରୁ ହିଁ ନିଜର ଦବଦବା ଜାହିର୍ କରିଥିଲା। ଦଳର ଖେଳାଳି ପ୍ରତିପକ୍ଷ ଦଳକୁ ଚାପରେ ରଖିଥିଲେ। ଦଳ ପକ୍ଷରୁ ରାଜେନ ଟୁଡୁ ଦୁଇଟି ଚମତ୍କାର ଗୋଲ କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ଘାସିରାମ ହେମ୍ବ୍ରମ ମଧ୍ୟ ଗୋଟିଏ ସୁନ୍ଦର ଗୋଲ କରି ଦଳର ସ୍କୋରକୁ ଆଗକୁ ବଢ଼ାଇ ବିଜୟ ସୁନିଶ୍ଚିତ କରିଥିଲେ। ଦଳର ଗୋଲରକ୍ଷକ ଓ ରକ୍ଷଣଭାଗ ଖେଳାଳି ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରି ପ୍ରତିପକ୍ଷଙ୍କୁ କୌଣସି ଗୋଲ କରିବାର ସୁଯୋଗ ଦେଇ ନ ଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଡ ଶୁଭାଶିଷ ନାୟକଙ୍କ ତତ୍ତ୍ୱାବଧାନରେ ଏହି ହକି ଗ୍ରାସରୁଟ୍ସ ସେଣ୍ଟର ସଫଳତାର ସହିତ ପରିଚାଳିତ ହେଉଛି।

## ଦୁଃଖିଶ୍ୟାମ ପୂର୍ବ ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ସେଲ୍ ଅଧ୍ୟକ୍ଷ



ଉଦଳା,୩।୫(ସମିସ): ମୟୂରଭଞ୍ଜ ପୂର୍ବ ଜିଲ୍ଲା ପାଇଁ ସର୍ବଭାରତୀୟ କଂଗ୍ରେସ କମିଟି ପକ୍ଷରୁ ଦୁଃଖିଶ୍ୟାମ ମୁର୍ମୁଙ୍କୁ ଅଧ୍ୟକ୍ଷ ରୂପେ ନିଯୁକ୍ତି କରିଛି। ମୟୂରଭଞ୍ଜ ଜିଲ୍ଲାର ଆଦିବାସୀମାନେ ବିଭିନ୍ନ ସମୟରେ ସରକାରୀ ଓ ବେସରକାରୀ ସ୍ତରରେ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବାରୁ ଏହି ଯୁବ ନେତୃତ୍ୱ ଉପରେ ଏଆଇସିସି ଗୁରୁଦାୟିତ୍ୱ ଦେଇଛନ୍ତି। ଛାତ୍ର ଜୀବନରୁ ସେ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ଛାତ୍ର ସଂଗଠନର ପୂର୍ବତନ ସଭାପତି, କପ୍ତିପଦା ଉପଖଣ୍ଡର ଉଠ କଙ୍କାଳ ଅନୁଷ୍ଠାନର ସଭାପତି, ୨୦୧୪ରେ ଉଦଳା ନିର୍ବାଚନମଣ୍ଡଳୀର କଂଗ୍ରେସ ତରଫରୁ ବିଧାୟକ ପ୍ରାର୍ଥୀ,୨୦୧୫ରେ ମୟୁରଭଞ୍ଜ ଆଦିବାସୀ ସେଲର ଉପସଭାପତି, ୨୦୨୬ରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସମ୍ପାଦକ ଦାୟିତ୍ୱ ପାଇଛନ୍ତି। ସେ ବିଭିନ୍ନ ସମୟରେ ଆଦିବାସୀଙ୍କ ବିରୁଦ୍ଧରେ ଅନ୍ୟାୟ ଅତ୍ୟାଚାର ପାଇଁ ଗଣବିକ୍ଷୋଭ ଓ ସ୍ୱର ଉଠାଇ ରାଜ୍ୟ ଓ ଜିଲ୍ଲାରେ ସୁନାମ ଅର୍ଜନ କରିଛନ୍ତି। ତାଙ୍କର ଏହି ନିଯୁକ୍ତିକୁ କଂଗ୍ରେସ ଦଳର ତୃଣମୂଳ ସ୍ତରରୁ ଛାତ୍ର, ଯୁବ, ମହିଳା, ଆଦିବାସୀ ଓ ପୁରୁଣା କଂଗ୍ରେସ କର୍ମୀଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳିଛି। ତତସହ ପୂର୍ବ ଜିଲ୍ଲାର ଆଦିବାସୀମାନଙ୍କ ବିଭିନ୍ନ ସଂଗଠନ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କର ଏହି ନିଯୁକ୍ତି ନେଇ ସେ ଏଆଇସିସିର ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଓ ପୂର୍ବ ମୟୁରଭଞ୍ଜ ଜିଲ୍ଲାର କଂଗ୍ରେସ କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# 'ଅଲଚିକି ଲିପି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ପାଇ ଏ ଜାତି ଗର୍ବିତ'

ବାରିପଦା,୩।୫(ସମିସ):




ପଣ୍ଡିତ ରଘୁନାଥ ମୁର୍ମୁ ମେମୋରିଆଲ କମିଟି ପାଲବାଣୀ ପକ୍ଷରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ଅବସରରେ ଏକ ବିଶାଳ ସାଂସ୍କୃତିକ ସମାବେଶ ସ୍ଥାନୀୟ ଷ୍ଟେସନ ଆଥଲେଟିକ୍ ପଡିଆରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୨୦ ହଜାରରୁ ଊର୍ଦ୍ଧ୍ୱ ସଂସ୍କୃତିପ୍ରେମୀ ଓ ଜନସାଧାରଣଙ୍କ ଉପସ୍ଥିତିରେ ଏହି ବର୍ଣ୍ଣାଢ୍ୟ ସାଂସ୍କୃତିକ ସମାବେଶରେ ମୁଖ୍ୟଅତିଥି ରୂପେ ବିଜେଡି ରାଜ୍ୟ ଉପସଭାପତି ତଥା ରାଜନୈତିକ କମିଟି ସଦସ୍ୟ ପ୍ରଣବ ପ୍ରକାଶ ଦାସ ସଭାକୁ ଉଦ୍‌ଘାଟନ କରି ପଣ୍ଡିତ ରଘୁନାଥ ମୁର୍ମୁ ଏ ଜାତିର ଶ୍ରେଷ୍ଠ ଅବଦାନ କରି ଭାଷା ଏକ ଜାତି ପାଇଁ ଅମୂଲ୍ୟ ସମ୍ପଦ ବୋଲି କହିଥିଲେ। ସାନନ୍ଦ ମାର୍ଣ୍ଡି ସଭାପତିତ୍ୱ କରି କହିଲେ, ବିଶ୍ୱର ଶ୍ରେଷ୍ଠ କୀର୍ତ୍ତି ହେଲା ଅକ୍ଷର (ଲିପି)। ମୁଖ୍ୟଅତିଥି ଶ୍ରୀ ଦାସଙ୍କୁ ବାରିପଦା ସର୍କିଟ ହାଉସରୁ ଏକ ବିଶାଳ ରାଲିରେ ଆଦିବାସୀ ପାରମ୍ପରିକ ନୃତ୍ୟ ସହ ସଭା ସ୍ଥଳକୁ ପାଛଟି ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି, ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ଭାରତୀ ହାଁସଦା, ବିଜେଡି ଜିଲ୍ଲା ସଭାପତି ମୟୂରଭଞ୍ଜ ସଦର ଦେବାଶିଷ ମାର୍ଣ୍ଡି, ବାରିପଦା ମ୍ୟୁନିସିପାଲିଟିର କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଗଣେଶ୍ୱର ପାତ୍ର, ପୂର୍ବତନ ଜିଲ୍ଲା ବିଜେଡି ସଭାପତି ଦେବାଶିଷ ମହାନ୍ତି, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ବିଧାୟକ ପ୍ରାର୍ଥୀ ରାଇସେନ ମୁର୍ମୁ, ଚକ୍ରଧର ହେମ୍ବ୍ରମ, ଉପନଗରପାଳ ସୀମା ଦାସ, ସୁଧନ୍ୟ ନାୟକ, ନିମାଇ ମୁର୍ମୁ, କାଞ୍ଚନ ପ୍ରଧାନ, ପ୍ରଭାତ ନାୟକ ପ୍ରମୁକ ଉପସ୍ଥିତ ରହି ପଣ୍ଡିତ ମୁର୍ମୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଶିଷ୍ଟ ଗାୟିକା ମଙ୍ଗଳ ହାଁସଦା, କଳ୍ପନା ହାଁସଦା, ଡଗର ଟୁଡୁ ଓ ଲବ ହାଁସଦା ପ୍ରମୁଖ ସାରା ରାତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

